ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK
ପର୍ୟବେक्षक
Vol.26 . No.69 Bhubaneswar Wednesday April 19 2023 ୨୬ତମ ବର୍ଷ ସଂଖ୍ୟା-୬୯ ଭୁବନେଶ୍ୱର, ବୁଧବାର, ଅପ୍ରେଲ ୧୯, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ରତ୍ନଭଣ୍ଡାର ଚାବି ହଜିଥିଲା, ଏବେ ଶ୍ରୀମନ୍ଦିରର ୨ଟି ଫାଇଲ ହଜିଗଲା



ପୁରୀ,୧୮।୪(ପି.ଏନ): ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିର ଚର୍ତୁପାଶ୍ୱର୍ରେ ଭଙ୍ଗାଗଢା କରି ସୌନ୍ଦର୍ଯ୍ୟକରଣ ମାଧ୍ୟମରେ ବିଶ୍ୱସ୍ତରୀୟ ଐତିହ୍ୟ ସ୍ଥଳୀ କରିବାର ପ୍ରଚାରରେ ମସଗୁଲ ରାଜ୍ୟ ସରକାରଙ୍କ ପରିଚାଳନାଗତ ତ୍ରୁଟି ଏବେ ପଦାରେ ପଡିଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାରର ଚାବିକୁ ହଜାଇ ଦେଇଥିବା ରାଜ୍ୟ ପ୍ରଶାସନ ଏବେ ଶ୍ରୀମନ୍ଦିରର ୨ଟି ଗୁରୁତ୍ୱପୂର୍ଣ୍ଣ ଫାଇଲକୁ ହଜାଇ ଦେଇଛନ୍ତି । ଜଗନ୍ନାଥ ମନ୍ଦିର ପ୍ରଶାସନର ଉକ୍ତ ଦୁଇଟି ଫାଇଲକୁ ଖୋଜିବା ପାଇଁ ଆଇନ ବିଭାଗର ଉପସଚିବ ବିଭାଗୀୟ ସମସ୍ତ ଶାଖାକୁ ଚିଠି ଲେଖାଯିବା ପରେ ଏହି ସଙ୍ଗୀନ ତଥ୍ୟ ପଦାକୁ ଆସିଛି । ମିଳିଥିବା ସୂଚନା ଅନୁସାରେ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଦୁଇଟି ଫାଇଲ ଏବେ ଆଇନ ବିଭାଗରେ ହଜିଯାଇଛି । ଉକ୍ତ ଦୁଇଟି ଫାଇଲ କେଉଁଠି ରହିଛି ତାକୁ ପ୍ରାଥମିକତା ଭିତ୍ତିରେ ଖୋଜିବା ପାଇଁ ସର୍ଚ୍ଚ ଅପରେସନ୍ ଓ ଠାବ କରିବାକୁ ଆଇନ ବିଭାଗର ଉପସଚିବ ଅଂଶୁମାନ ମହାନ୍ତି ନିଜ ବିଭାଗ ଅଧୀନସ୍ଥ ସମସ୍ତ ଶାଖାକୁ ଚିଠି ଲେଖି ଅବଗତ କରାଇଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶର ତୁରନ୍ତ ଅନୁପାଳନ ରିପୋର୍ଟ ଦାଖଲ ନିମନ୍ତେ ଏହି ଦୁଇଟି ଫାଇଲର ଆବଶ୍ୟକତା ରହିଥିବାରୁ ପ୍ରାଥମିକତା ଭିତ୍ତିରେ ତାକୁ ଖୋଜିବାକୁ ସେ ଅନୁରୋଧ କରିଛନ୍ତି । ଜଗନ୍ନାଥ ମନ୍ଦିର ପ୍ରଶାସନ ସେକ୍ସନରେ ଦୁଇଟି ଫାଇଲ ଯଥା- ଜେଟିଏ-୫୫/୨୦୦୬(ପିଟି) ଓ ଜେଟିଏ-୦୬/୨୦୧୪ ଏବେ ମିଳୁନି । ତେଣୁ ବିଭାଗର ସମସ୍ତ ସେକ୍ସନରେ ଏହି ଦୁଇ ଫାଇଲକୁ ଖୋଜିବାକୁ ଓ ଯଦି ନଥିବ ତାହା ଜଣାଇଲେ ପରବର୍ତ୍ତୀ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମହାନ୍ତି ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ।

# ୪୦ ଡିଗ୍ରୀ ଉପରେ ୨୯ ସହର

ଭୁବନେଶ୍ୱର,୧୮।୪(ପି.ଏନ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ତାତିରେ ସିଝୁଛି ରାଜ୍ୟର ଅଧିକାଂଶ ସହର। ମଙ୍ଗଳବାର ୨୯ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବାରିପଦା ଏବଂ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଟ୍ୱିନ ସିଟିରେ ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱର ୪୨.୭ ଡ଼ିଗ୍ରୀ ଏବଂ କଟକରେ ୪୨.୫ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ୨୧ ତାରିଖ ପରେ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଭାଗ। ଅପରପକ୍ଷରେ ୨୪ ଘଂଟାରେ ଗ୍ରୀଷ୍ମ ପ୍ରବାହ ପାଇଁ ୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର। ସେହିପରି ଆସନ୍ତାକାଲି ପାଇଁ ୭ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ଓ ବୌଦ୍ଧ।ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମଙ୍ଗଳବାର ବାରିପଦା ଓ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ବଲାଙ୍ଗୀର ଓ ବୌଦ୍ଧରେ ୪୩.୭, ନୂଆପଡ଼ାରେ ୪୩.୬, ଟିଟିଲାଗଡ଼ ଓ ସୋନପୁରରେ ୪୩.୨, ଅନୁଗୁଳରେ ୪୩.୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୪୩, ତାଳଚେରରେ ୪୨.୮, ଭୁବନେଶ୍ୱରରେ ୪୨.୬, କଟକ ଓ ଭବାନୀପାଟଣାରେ ୪୨.୫, ରାଉରକେଲାରେ ୪୨.୪, ଢେଙ୍କାନାଳ ଓ ଯାଜପୁରରେ ୪୨, ହୀରାକୁଦରେ ୪୧.୬, ଜଗତସିଂହପୁରରେ ୪୧.୫, ପାରଳାଖେମୁଣ୍ଡିରେ ୪୧.୪, ଚାନ୍ଦବାଲି ଓ ଦେବଗଡ଼ରେ ୪୧.୩, କେନ୍ଦ୍ରାପଡ଼ା ଓ କେନ୍ଦୁଝରରେ ୪୧.୨, ନୟାଗଡ଼ ଓ ଭଦ୍ରକରେ ୪୧, ମାଲକାନଗିରିରେ ୪୦.୨, ବରଗଡ଼ରେ ୪୦.୫ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ଗ୍ରୀଷ୍ମପ୍ରବାହ: ଆଉ ୨ଦିନ ରାଜ୍ୟର ସବୁ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ର ଛୁଟି



ଭୁବନେଶ୍ୱର,୧୮।୪(ପି.ଏନ): ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୁଣିଥରେ ସମସ୍ତ ସ୍କୁଲକୁ ଆଉ ୨ଦିନ ପାଇଁ ଛୁଟି ଘୋଷଣା କରିଛନ୍ତି । ଆସନ୍ତା ୧୯ ଓ ୨୦ତାରିଖ ଦୁଇଦିନ ଧରି ସମସ୍ତ ଅଙ୍ଗନୱାଡି କେନ୍ଦ୍ର , ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସରକାରୀ ଓ ଘରୋଇ ସ୍କୁଲ ବନ୍ଦ ରହିବ । ଆଜି ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

## ଏପ୍ରିଲ ୧୮ ରୁ ୨୧ ପର୍ଯ୍ୟନ୍ତ ଅଷ୍ଟ୍ରିଆ ଗସ୍ତରେ ରହିବେ ଗଡ଼କରି

ନୂଆଦିଲ୍ଲୀ, ୧୮।୪(ପି.ଏନ): କେନ୍ଦ୍ରୀୟ ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଏପ୍ରିଲ ୧୮ ରୁ ୨୧ ପର୍ଯ୍ୟନ୍ତ ଅଷ୍ଟ୍ରିୟା ଗସ୍ତରେ ରହିବେ। କେନ୍ଦ୍ର ମନ୍ତ୍ରୀ ଗଡ଼କରୀ ମଙ୍ଗଳବାର ଦିନ ଟ୍ୱିଟ୍ କରି ଏହି ଖବର ଜଣାଇଛନ୍ତି । ଗଡ଼କରି କହିଛନ୍ତି ଯେ, ସେ ୧୮ ରୁ ୨୧ ଏପ୍ରିଲ ପର୍ଯ୍ୟନ୍ତ ଅଷ୍ଟ୍ରିଆ ଗସ୍ତରେ ରହିବେ। ଅଷ୍ଟ୍ରିଆ ସରକାରୀ ପ୍ରତିନିଧି ସହିତ ମିଶିବେ । ଇଂଟରଆଲପିନ ୨୦୧୩ ମେଳାର ଉଦ୍ଘାଟନୀ ଉତ୍ସବରେ ସାମିଲ ହେବ ଏବଂ ଭାରତ-ଅଷ୍ଟ୍ରିଆ ଉତ୍ସବରେ ଯୋଗଦାନ ଦେଉଥିବା ଅନ୍ୟ ମାନଙ୍କ ସହିତ ଅଷ୍ଟ୍ରିଆ କମ୍ପାନୀ ସହିତ କଥାବାର୍ତା କରିବେ।

## ଅଭିଷେକଙ୍କୁ ପଠାଇଥିବା ନୋଟିସ ସିବିଆଇ ପ୍ରତ୍ୟାହାର କଲା

କଲିକତା, ୧୮।୪(ପି.ଏନ): ପଶ୍ଚିମବଙ୍ଗର ବହୁଚର୍ଚ୍ଚିତ ଶିକ୍ଷକ ନିଯୁକ୍ତି ଭ୍ରଷ୍ଟାଚାର ମାମଲାରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକଙ୍କୁ ପଠାଇଥିବା ନୋଟିସ ଫେରାଇ ନେଇଛି । ଗୋଟିଏ ଦିନ ପୂର୍ବରୁ ମଧ୍ୟାହ୍ନ ୧.୪୫ ମି.ରେ ଇମେଲ ମାଧ୍ୟମରେ ସିବିଆଇ ତାଙ୍କୁ ତାଙ୍କୁ ନୋଟିସ ପଠାଇ ମଙ୍ଗଳବାର ସିଜିଓ କମ୍ପ୍ଲେକ୍ସ ସ୍ଥିତ କେନ୍ଦ୍ରୀୟ ଏଜେନସି କାର୍ଯ୍ୟାଳୟରେ ହାଜିର ହେବା ପାଇଁ କହିଥିଲା । ଏହା ପୂର୍ବରୁ ସୁପ୍ରିମକୋର୍ଟ ଅଭିଷେକଙ୍କୁ ପଚରା ଉଚୁରା କରିବା ପାଇଁ ରୋକ ଲଗାଇଥିଲେ । ସିବିଆଇ ନୋଟିସରେ ୧୬ ଏପ୍ରିଲକୁ ତାରିଖ ଥିଲା।

## ଶ୍ରୀପୁରା ଛକରେ ବିଜେପି ଟିମକୁ ଅଟକାଇଲା ପୁଲିସ ; ଠେଲକୁଲି ଥାନାରେ ଅଟକ

ସମ୍ବଲପୁର, ୧୮।୪(ପି.ଏନ): ସମ୍ବଲପୁର ଯାଇ ଆହତଙ୍କୁ ଭେଟିବାକୁ ଯାଉଥିବା ଭାରତୀୟ ଜନତା ପାର୍ଟିର ଏକ ଉଚ୍ଚ ସ୍ତରୀୟ ପ୍ରତିନିଧି ଦଳକୁ ପ୍ରଶାସନ ଅଟକାଇ ଦେଇଛି । ସମ୍ବଲପୁର-ଝାରସୁଗୁଡ଼ା ଜିଲ୍ଲା ସୀମାନ୍ତ ଶ୍ରୀପୁରା ଛକରେ ବିଜେପି ଟିମକୁ ପୁଲିସ ରୋକିଥିବା ଜଣାଯାଇଛି। ଏହି ଟିମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, ବରଗଡ଼ ସାଂସଦ ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବିଧାୟକ କୁସୁମ ଟେଟେ, ଶଙ୍କର ଓରାମ, ପୂର୍ବତନ ମନ୍ତ୍ରୀ କେଭି ସିଂଦେଓ ଓ ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖ ସାମିଲ ଅଛନ୍ତି। ସେମାନଙ୍କୁ ଠେଲକୁଲି ଥାନାରେ ଅଟକ ରଖାଯାଇଛି। ମିଳିଥିବା ସୂଚନା ଅନୁସାରେ ବିଜେପିର ଏହି ଟିମ୍ ସମ୍ବଲପୁର ଯାଇ ଆହତଙ୍କୁ ଭେଟିବାକୁ ଯାଉଥିଲେ । ସେମାନେ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥବାର ମଧ କାର୍ଯ୍ୟକ୍ରମ ଥିଲା । ବରଗଡ଼ ସାଂସଦ ସୁରେଶ ପୂଜାରୀ ଏହା ପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହି ପ୍ରସଙ୍ଗ ସଂସଦରେ ଉଠାଇବେ । ସେ କହିଛନ୍ତି, ଜିଲ୍ଲାପାଳ ବିଜେପି ନେତାଙ୍କୁ ଅଟକାଇବା ଆଦେଶ ବେଆଇନ୍। ଗତକାଲି ପ୍ରଶାସନ ଅନୁମତି ଦେଇଥିଲା, ହେଲେ ରାତିରେ କଣ ହୋଇଗଲା ଯେ ସେଥିଲାଗି ଅନୁମତି ନେଲାନି ? ସମ୍ବଲପୁରରେ ଅପରାଧୀମାନେ ଖୋଲାଖୋଲି ବୁଲୁଛନ୍ତି, ହେଲେ ସେମାନଙ୍କୁ କାହିଁକି ଗିରଫ କରାଯାଉନି ? ମୁଖ୍ୟମନ୍ତ୍ରୀ ଜାପାନ ଯାଇପାରୁଛନ୍ତି, ହେଲେ ସମ୍ବଲପୁର ଆସିପାରିଲେନି। ନିଜର ଆହତ ଲୋକଙ୍କୁ ଭେଟିବାର ସୁଯୋଗ ଦିଆଯାଉନି କାହିଁକି ? ସରକାର ଓ ପ୍ରଶାସନ ନିଜର ଦୋଷ ଦୁର୍ବଳତା ଲୁଚାଇବା ଲାଗି ଏଭଳି ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି ।

## ଛତିଶଗଡ଼ର କଟଲାବାରୀ ବନାଂଚଳରେ ପୋଲିସ-ଯବାନ ଗୁଳି ବିନିମୟ

ଜଣେ ନକ୍ସଲ ନିହତ, ୨ ଗିରଫ

ବିଜାପୁର/ଜଗଦଳପୁର, ୧୮।୪(ପି.ଏନ): ଛତିଶଗଡ଼ ବିଜାପୁର ଜିଲ୍ଲାର କଟଲାବାରୀ ବନାଂଚଳରେ ମଙ୍ଗଳବାର ସକାଳେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ଼ (ଡିଆରଜି)ର ଯବାନ ଓ ନକ୍ସଲଙ୍କ ମଧ୍ୟରେ ହୋଇଥିବା ସଂଘର୍ଷରେ ଜଣେ ନକ୍ସଲ ନିହତ ହୋଇଛି । ଏହି ସମୟରେ ଯବାନ ମାନେ ଦୁଇ ଜଣ ନକ୍ସଲଙ୍କୁ କାବୁ କରିଛନ୍ତି । ଘଟଣାସ୍ଥଳରୁ ନିହତ ନକ୍ସଲର ମୃତଦେହ ଉଦ୍ଧାର ହୋଇଛି । ବିଜାପୁର ଜିଲ୍ଲା ପୋଲିସ ଅଧିକ୍ଷକ ଆଂଜନେୟ ବାଷ୍ଣେୟ ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଜିଲ୍ଲାର ନୈମେଡ଼ ଥାନା ଅଂଚଳରେ ନକ୍ସଲଙ୍କ ଭୈରମଗଡ଼ ଏରିଆ କମିଟିର ମୋହନ କଡ଼ତି, ସୁମିତ୍ରା କଡ଼ତି ସମେତ କିଛି ନକ୍ସଲଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇ ଡିଆରଜି ଟିମ୍ ସର୍ଚ୍ଚ ଅପରେସନରେ ବାହାରିଥିଲା। ଡିଆରଜି ଟିମ୍ କୁ ଦେଖି ନକ୍ସଲମାନେ କଟଲାବାରୀ ବନାଚଂଳରେ ସକାଳ ପ୍ରାୟ ୮ଟାରେ ଯବାନ ମାନଙ୍କ ଉପରକୁ ଗୁଳିଚାଳନା ଆରମ୍ଭ କରିଥିଲେ । ପରେ ଯବାନମାନେ ଏହାର ପାଲଟା ଜବାବ ରଖିଥିଲେ । ଏଥିରେ ଜଣେ ପୁରୁଷ ନକ୍ସଲ ନିହତ ହୋଇଛି । ଦୁଇ ଜଣ ନକ୍ସଲ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଯବାନ ମାନଙ୍କ ହାତରେ ଧରାପଡିଛନ୍ତି । ଦୁହିଁଙ୍କୁ ଗିରଫ କରାଯିବା ସହ ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

## ଆସନ୍ତାକାଲି ଶ୍ରୀମନ୍ଦିରରେ ବନକଲାଗି ନୀତି , ୪ ଘଂଟା ବନ୍ଦ ରହିବ ଦର୍ଶନ

ପୁରୀ/ଭୁବନେଶ୍ୱର,୧୮।୪(ପି.ଏନ): ଆସନ୍ତାକାଲି (ବୁଧବାର) ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ପାଇଁ ସନ୍ଧ୍ୟା ୬ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଲୋକ ସମ୍ପର୍କ ବିଭାଗର ସୂଚନା ଅନୁଯାୟୀ ଆସନ୍ତାକାଲି (୧୯.୪.୨୦୨୩, ବୁଧବାର) ବୈଶାଖ-କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ।

## କଂଗ୍ରେସ ସାଂସଦ କାର୍ତ୍ତି ଚିଦାମ୍ବରମଙ୍କ ସମ୍ପତ୍ତି ଜବତ କଲା ଇଡି



ଭୁବନେଶ୍ୱର,୧୮।୪(ପି.ଏନ): ବରିଷ୍ଠ କଂଗ୍ରେସ ନେତା ପି ଚିଦାମ୍ବରମଙ୍କ ପୁଅ ତଥା ସାଂସଦ କାର୍ତ୍ତି ଚିଦାମ୍ବରମଙ୍କ ସମ୍ପତ୍ତି ଜବତ କରିଛି ଇଡି। ଆଇଏନଏକ୍ସ ମିଡିଆ ଘଟଣାରେ ଇଡି ତାଙ୍କ ନାଁରେ ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ଏବେ ଉକ୍ତ ମାମଲାରେ କାର୍ତ୍ତିଙ୍କ ୧୧.୦୪ କୋଟି ଟଙ୍କାର ସମ୍ପତ୍ତିକୁ ଜବତ କରାଯାଇଛି। ଜବତ ସମ୍ପତ୍ତି ମଧ୍ୟରେ କର୍ଣ୍ଣାଟକାର କୋରଗ ଜିଲ୍ଲାରେ ଗୋଟିଏ ଜମି ରହିଛି। ୟୁପିଏ ସରକାର ସମୟରେ ପି ଚିଦାମ୍ବରମ ଅର୍ଥମନ୍ତ୍ରୀ ଥିଲେ। ଏହି ସମୟରେ ସେ ଅହେତୁକ ଅନୁକମ୍ପା ଦେଖାଇ ଆଇଏନଏକ୍ସ ମିଡିଆ ସଂସ୍ଥାରେ ବିଦେଶ ପୁଞ୍ଜି ନିବେଶନକୁ ଅନୁମତି ଦେଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ କରି ଇଡି ମନି ଲଣ୍ଡରିଂ ମାମଲା ରୁଜୁ କରିଥିଲା। ବିଦେଶ ପାଣ୍ଠିକୁ ଅନୁମୋଦନ ଦେବା ପାଇଁ ଚିଦାମ୍ବରମ ବାପ ପୁଅ ବ୍ୟାପକ ଲାଞ୍ଚ ଗ୍ରହଣ କରିଥିବା ମଧ ଅଭିଯୋଗ ହୋଇଛି।

## ଘର ଦେବା ପାଇଁ କେନ୍ଦ୍ର ସରକାର ଯେଉଁ ଗାଇଡଲାଇନ କରିଛନ୍ତି ସେଥିରେ ଅନେକ ଯୋଗ୍ୟ ଲୋକ ବାଦ ପଡି ଯାଉଛନ୍ତି -ପଞ୍ଚାୟତିରାଜ ମନ୍ତ୍ରୀ

ଭୁବନେଶ୍ୱର, ୧୮।୪(ପି.ଏନ): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦେବା ପାଇଁ କେନ୍ଦ୍ର ସରକାର ଯେଉଁ ଗାଇଡଲାଇନ କରିଛନ୍ତି ସେଥିରେ ଅନେକ ଯୋଗ୍ୟ ଲୋକ ବାଦ ପଡି ଯାଉଛନ୍ତି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ଅମାତ । ସେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ କ୍ରାଇଟେରିଆ ପାଇଁ ଅନେକ ଲୋକ ବଞ୍ଚିତ ହେଉଛନ୍ତି । ଧୀବର ଶ୍ରେଣୀର ଲୋକଟିର ମାଛ ଧରା ଡ଼ଙ୍ଗା ଥିଲେ ବି ସେ ବାଦ ପଡୁଛି । ଅନେକ ପ୍ରତିବନ୍ଧକ କେନ୍ଦ୍ର ଲଗାଇଛି ବୋଲି ସେ କହିଛନ୍ତି ।ସେ କହିଛନ୍ତି ଯେ ରାଜ୍ୟ ସରକାର ୧୫ ଲକ୍ଷ ହିତାଧିକାରୀଙ୍କୁ ଆବାସ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରୁଛୁ କିନ୍ତୁ ବର୍ତ୍ତମାନ ସୁଦ୍ଧା ସାଢେ ୯ ଲକ୍ଷ ଘର ମଞ୍ଜୁର କରିଛନ୍ତି । ଆହୁରି ଅଧିକ ଲୋକ ଆବାସ ପାଇବାରୁ ବଞ୍ଚିତ ହେଉଛନ୍ତି । ତଥାପି ରାଜ୍ୟ ସରକାର ତତ୍ପର ଅଛନ୍ତି । କିଭଳି ପ୍ରତ୍ୟେକ ଗରିବ ଲୋକଙ୍କୁ ଛାତ ଖଣ୍ଡେ ଦେବା ସରକାର ପ୍ରକ୍ରିୟା ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ଅଗଷ୍ଟ ମାସ ପୂର୍ବରୁ ଘର ସବୁ ବଂଟା ଯାଇ ପାରିବ ତ ବୋଲି ଏକ ପ୍ରଶ୍ନର ଉତର ଦେଇ ସେ କହିଛନ୍ତି ଯେ ପ୍ରକ୍ରିୟା ଆମର ଚାଲିଛି । ଯେତେ ଶୀଘ୍ର ସମ୍ପୂର୍ଣ୍ଣ ହେବ ଆମେ ତାକୁ ବଂଟନ କରି ଦେବୁ । ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ବାଦ ଦେବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି ।

## ସରୋଜ ସାମଲ ନୂଆ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ

ଭୁବନେଶ୍ୱର,୧୮।୪(ପି.ଏନ): ଆଇଏଏସ୍ ଅଧିକାରୀ ସରୋଜ କୁମାର ସାମଲଙ୍କୁ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତମାନର ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଏହାସହ ସହ ଶ୍ରୀ ତ୍ରିପାଠୀ ପୂର୍ବଭଳି ଭୁବନେଶ୍ୱର ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ପଦବୀକୁ ଯୁଗ୍ମ ସଚିବ ପଦବୀ ସହ ସମାନ ବୋଲି ଘୋଷଣା କରାଯାଇଛି।

## ସମ୍ବଲପୁର ହିଂସା: ଆସନ୍ତାକାଲି ପଶ୍ଚିମଓଡିଶା ବନ୍ଦ, ବିଜେପି ଦେଲା ସମର୍ଥନ

ସମ୍ବଲପୁର,୧୮।୪(ପି.ଏନ): ସମ୍ବଲପୁର ସହରରେ ହନୁମାନ ଜୟନ୍ତୀ ପାଳନକୁ ନେଇ ହୋଇଥିବା ହିଂସାକାଣ୍ଡ ଘଟଣା ପ୍ରତିବାଦରେ ଆସନ୍ତାକାଲି ୧୨ଘଣ୍ଟିଆ ପଶ୍ଚିମଓଡିଶା ବନ୍ଦ ପାଇଁ ବିଶ୍ୱହିନ୍ଦୁ ପରିଷଦ ଡାକରା ଦେଇଛି । ବିଶ୍ୱ ହିନ୍ଦୁ ପରିଷଦର ଏହି ବନ୍ଦ ଡାକରାକୁ ବିଭିନ୍ନ ହିନ୍ଦୁ ସଂଗଠନ ସମର୍ଥନ କରିଥିବାବେଳେ ରାଜ୍ୟ ବିଜେପି ମଧ ଏହାକୁ ସମର୍ଥନ କରିବ ବୋଲି ଜଣାପଡିଛି ।ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ଶାଖା ପକ୍ଷରୁ ଆଜି କୁହାଯାଇଛି ଯେ, ସମ୍ବଲପୁର ହିଂସାକାଣ୍ଡ ଘଟଣା ପ୍ରତିବାଦରେ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅବିଭକ୍ତ କୋରାପୁଟ ଜିଲ୍ଲା ସମେତ ପଶ୍ଚିମଓଡିଶାର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନବଜାର, ସରକାରୀ ଓ ଘରୋଇ ଅଫିସ, ସ୍କୁଲ ଓ କଲେଜ ଆଦି ବନ୍ଦ ରହିବ । କେବଳ ଜରୁରୀକାଳୀନ ସେବାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଯାନବାହନ ଚଳାଚଳ ମଧ୍ୟ ବନ୍ଦ ରହିବ । ଶାନ୍ତିପୂର୍ଣ୍ଣ ଭାବେ ଏହି ବନ୍ଦ ପାଳନ କରାଯିବ । ପଶ୍ଚିମଓଡିଶାର ଏହି ବନ୍ଦ ଡାକରାକୁ ବଜରଙ୍ଗ ଦଳ ଓ ଅନ୍ୟ ହିନ୍ଦୁ ସଂଗଠନଗୁଡିକ ସମର୍ଥନ ଦେଇଛନ୍ତି।

## ଚଣ୍ଡିଖୋଲ ଅଞ୍ଚଳର ଜଣାଶୁଣା ସମାଜସେବୀ ପ୍ରଶାନ୍ତ କୁମାର ଦାଶଙ୍କ ଅକାଳ ବିୟୋଗ



ଚଣ୍ଡିଖୋଲ,୧୮।୪(ପି.ଏନ): ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ଗ୍ରାମର ଶ୍ରୀ ପ୍ରଶାନ୍ତ କୁମାର ଦାଶଙ୍କର ୬୧ ବର୍ଷ ବୟସରେ ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି ।ପତ୍ନୀ, କନ୍ୟା, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି ନାତୁଣୀ, ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନଙ୍କୁ ଶୋକ ସାଗରରେ ଭସାଇ ଇହଲିଳା ସମ୍ବରଣ କରିଛନ୍ତି। ତାଙ୍କ ବିୟୋଗରେ କ୍ଷେତ୍ରପାଳ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିଗତ ଦିନର ସେ ଜଣେ ଜଣାଶୁଣା ଛାତ୍ର ନେତାଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ଗ୍ରାମ ତଥା ଅଞ୍ଚଳର ସାମାଜିକ, ସାଂସ୍କୃତିକ, କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ଆସୁଥିଲେ। ତାଙ୍କ ବିୟୋଗରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ

## ଅପ୍ରେଲ ୩୦ ତାରିଖ ସୁଦ୍ଧା ହିତାଧିକାରୀ ଚୟନ ପ୍ରକ୍ରିୟା ଶେଷ କରିବା ପାଇଁ କୃଷି ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୪(ପି.ଏନ): ୩ ବର୍ଷ ମଧ୍ୟରେ ରାଜ୍ୟର ଏକ ଲକ୍ଷ ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଚଳିତ ଅପ୍ରେଲ ମାସ ୩୦ ତାରିଖ ସୁଦ୍ଧା ଚାଷୀ ଚିହ୍ନଟ ପ୍ରକ୍ରିୟା ଶେଷ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି । ହିତାଧିକାରୀ ଚୟନ କ୍ଷେତ୍ରରେ ସମ୍ବେଦନଶୀଳ କୃଷକ ପରିବାର ଓ ମହିଳା କୃଷକଙ୍କୁ ଅଗ୍ରାଧିକାର ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଛନ୍ତି ।ମଙ୍ଗଳବାର କୃଷି ଭବନଠାରେ ଆୟୋଜିତ ବୈଠକରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ୨୦୨୩-୨୪ ବର୍ଷର କାର୍ଯ୍ୟଖସଡ଼ାର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଲେ ଯେ କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା ସମନ୍ୱିତ କୃଷି, ମିଲେଟ୍ ମିଶନ, ଫସଲର ବିବିଧିକରଣ ସମେତ ମତ୍ସ୍ୟ ଓ ପ୍ରାଣୀପାଳନ ମାଧ୍ୟମରେ କୃଷକଙ୍କ ଆୟକୁ ଦ୍ୱିଗୁଣିତ କରିହେବ। ଏଥି ସହିତ କୃଷକଙ୍କ ଆୟବୃଦ୍ଧି କରିବା ଦିଗରେ କୃଷିଜାତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଏକ ଉପଯୋଗୀ ପଦକ୍ଷେପ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗର ପ୍ରମୁଖ ଶାସନ ସଚିବ ଓ ସଂପୃକ୍ତ ନିର୍ଦ୍ଦେଶକମାନଙ୍କୁ ନେଇ ପ୍ରତି ମାସରେ ସମନ୍ୱୟ ବୈଠକ କରି କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମୀକ୍ଷା କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ଏଥି ସହିତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ମଧ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସମନ୍ୱୟ ବୈଠକ କରିବା ସହିତ ପ୍ରତ୍ୟେକ ବ୍ଲକ୍ ରେ ଦୁଇ ଜଣ ମାଷ୍ଟର ଟ୍ରେନର ବ୍ୟବସ୍ଥା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟସ୍ତରୀୟ କମିଟି ସମତେ ଜିଲ୍ଲା ଓ ବ୍ଲକ୍ ସ୍ତରରେ କମିଟି ଗଠନ କରାଯାଇଥିବାବେଳେ ହିତାଧିକାରୀ ଚୟନ ସମୟରେ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟର ୩୦ଟି ଜିଲ୍ଲାର ସମସ୍ତ ୩୧୪ଟି ବ୍ଲକ୍ ରେ ଏହା କାର୍ଯ୍ୟକାରୀ ହେଉଛି । ହିତାଧିକାରୀଙ୍କ ତାଲିକା ଓ ଆନୁଷଙ୍ଗିକ ତଥ୍ୟ ବିଭାଗୀୟ ୱେବ୍‌ସାଇଟ୍ ରେ ମଇ ୧୫ ତାରିଖ ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକ ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ଦିଗରେ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମତ୍ସ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ପ୍ରଧାନ, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିବାବେଳେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉପନିର୍ଦ୍ଦେଶକ, ଉଦ୍ୟାନ କୃଷି, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ସିଡିଭିଓ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀମାନେ ଯୋଗଦେଇଥିଲେ।






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ'ଣକ'ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତୀକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆମ୍ଭିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ଲୋକନୃତ୍ୟ 'ରଣପା': ଏକ ଅନୁଶୀଳନ



ଓଡ଼ିଶା ହେଉଛି କଳା ଓ ସଂସ୍କୃତିରେ ପରିପୂର୍ଣ୍ଣ ଏକ ରାଜ୍ୟ। ବିଶେଷକରି ଏହାର ଲୋକ ସଂସ୍କୃତି ସମଗ୍ର ବିଶ୍ୱରେ ଚର୍ଚ୍ଚିତ ହୋଇଆସିଛି। ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗରେ ଥିବା ଗଞ୍ଜାମ ଜିଲ୍ଲା 'ଲୋକସଂସ୍କୃତି'ର ଏକ ଲୀଳାଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ସୀମାନ୍ତ ଅଞ୍ଚଳରେ ଅବସ୍ଥାପିତ ହୋଇଥିବା ହେତୁ; ଆର୍ଯ୍ୟ ଓ ଦ୍ରାବିଡ଼ ସଂସ୍କୃତିର ଏହା ମିଳନସ୍ଥଳ। ପୁଣି ଏହାର ଏକ ଚତୁର୍ଥାଂଶ ଅଧିବାସୀ ହେଉଛନ୍ତି ବନବାସୀ। ତେଣୁ ଆର୍ଯ୍ୟ-ଦ୍ରାବିଡ଼ ଓ ଆଦିମ ଅଧିବାସୀଙ୍କ ମିଳିତ ସଂସ୍କୃତିର ଚିତ୍ର ଏ ଅଞ୍ଚଳରେ ଦେଖିବାକୁ ମିଳିଥାଏ। ଗଞ୍ଜାମ ଅଞ୍ଚଳର ଲୋକସଂସ୍କୃତି ଅଧ୍ୟୟନ କଲାବେଳେ ମୁଖ୍ୟତଃ ଏହାର ଲୋକନାଟକ ଦର୍ଶକମାନଙ୍କୁ ବିଶେଷ ଆନନ୍ଦ ପ୍ରଦାନ କରିଥାଏ। ଏଥିରେ ଚିତ୍ତବିନୋଦନ ସହିତ ସମକାଳୀନ ସାମାଜିକ ରୀତିନୀତି, ଲୋକଚରିତ୍ର ଓ ଧର୍ମବିଶ୍ୱାସ ପ୍ରଭୃତି ରୂପାୟିତ ହୋଇଥାଏ। ଗଞ୍ଜାମ ଅଞ୍ଚଳର ଲୋକନାଟକ ଗୁଡ଼ିକୁ ଋରି ଭାଗରେ ବିଭକ୍ତ କରାଯାଇଥାଏ। ପ୍ରଥମତଃ ଏ ଅଞ୍ଚଳର ଅନେକ ନାଟକ; ନାଟ୍ୟଧର୍ମୀ ବା ଏକ ନିର୍ଦ୍ଦିଷ୍ଟ ରୀତିରେ ପରିବେଷଣ କରାଯାଏ। ପ୍ରହ୍ଲାଦ ନାଟକ, ରାମନାଟକ ଆଦି ଏହି ଶ୍ରେଣୀର ନାଟକ। ଯାହା ମଞ୍ଚ, ସଙ୍ଗୀତ, ବାଦ୍ୟ ଓ ଅଭିନୟରେ ଶାସ୍ତ୍ରୀୟଧାରାକୁ ଅନୁସରଣ କରିଥାଏ। ଅନ୍ୟ କେତେକ ନାଟକରେ ନୃତ୍ୟର ଗୁରୁତ୍ୱ ରହିଥାଏ। ସଖୀନାଚ, ଗାହାଣ, ପାଇକନାଚ, ଲଉଡ଼ିନାଚ, ଡଣ୍ଡନାଚ, ଇତ୍ୟାଦି ଏହି ଶ୍ରେଣୀର। ଏହି ନାଚ ଗୁଡ଼ିକରେ ମଣିଷର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି ପ୍ରକାଶ ଲାଭ କରିଥାଏ। ସେହିପରି ଲୋକଧର୍ମକୁ ଆଧାର କରି ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଲକ୍ଷ୍ମୀପୂରାଣ, ଭାରତଲୀଳା ଆଦି ଦେଖିବାକୁ ମିଳିଥାଏ। ଏସବୁ ଲୋକ ପ୍ରକାଶଧାରାକୁ ନେଇ ସୃଷ୍ଟି ହୋଇଥିବା ନାଚରେ ବାଘନାଚ, ଚଢ଼େୟାନାଚ, ରଣପା ନୃତ୍ୟ, କେଳାକେଳୁଣୀ



ଓ ରାଜାରାଣୀ ନାଟ, ବାଉଁଶରାଣୀ ଆଦି ପ୍ରଧାନ। ଏସବୁ ଭିତରେ 'ରଣପା' ନୃତ୍ୟ ଏକ ସ୍ୱତନ୍ତ୍ର ପ୍ରକାରର ନୃତ୍ୟ। ଗଞ୍ଜାମର ବହୁ ଅଞ୍ଚଳ ବଣଜଙ୍ଗଲରେ ପରିପୂର୍ଣ୍ଣ। ଏଠାରେ ଅରଣ୍ୟ ଜୀବନ ସହ ସମତଳ ଓ ଉପକୂଳ ଅଞ୍ଚଳ ମିଶି ରହିଛି। କିନ୍ତୁ ଅରଣ୍ୟ ପରିବେଷ୍ଟିତ ହୋଇଥିବା ହେତୁ ଏଠାକାର ନୃତ୍ୟରେ ଆରଣ୍ୟକ ଅନୁଭୂତି ପ୍ରତିଫଳିତ ହେବା ସ୍ୱାଭାବିକ। ଏପରି ଏକ ଅନୁଭୂତିକୁ ନେଇ 'ରଣପା' ନୃତ୍ୟ ଏ ଅଞ୍ଚଳରେ ବେଶ୍ ପ୍ରଭାବ ବିସ୍ତାର କରିଥିବା ଅନୁଭବ କରିହୁଏ ।

'ରଣପା' ଶବ୍ଦଟି 'ରଣ' ଓ 'ପା'ର ସମାହାର। 'ରଣ' କହିଲେ ଯୁଦ୍ଧ ଓ 'ପା' କହିଲେ ପାଦକୁ ବୁଝାଏ। ଦୁଇଟି ବାଉଁଶବାଡ଼ିରେ ଏ ନୃତ୍ୟ ପ୍ରଦର୍ଶନ କରାଯାଏ। ଦୁଇଟି ବାଉଁଶବାଡ଼ିରେ ଦୁଇଟି ଛୋଟ କାଠି ବନ୍ଧାଯାଇ ତା' ଉପରେ ପାଦରଖି ନୃତ୍ୟ କରାଯାଏ। ପୌରାଣିକ କାହାଣୀ ଅନୁସାରେ ଭଗବାନ ଶ୍ରୀକୃଷ୍ଣ ବାଲ୍ୟକାଳରେ ଗୋପପୁରର ଗଉଡ଼ ବାଳକମାନଙ୍କ ସହ ଗାଈ ଚରାଉଥିଲେ। ଦ୍ୱାପର ଯୁଗ ସବୁଆଡ଼େ ଥିଲା ବଣଜଙ୍ଗଲରେ ପରିପୂର୍ଣ୍ଣ। ପଥ ଥିଲା କଣ୍ଟକିତ ଓ ସରୀସୃପଙ୍କ ଦ୍ୱାରା ବିପଦସଂକୁଳ। ତେଣୁ ମାତା ଯଶୋଦା ଶ୍ରୀକୃଷ୍ଣଙ୍କ ସୁରକ୍ଷା ପାଇଁ ଦୁଇଗୋଟି ବାଉଁଶ ଆଣି ସେଥିରେ କାଠିକୁ ଶିଆଳି ଲତାଦ୍ୱାରା ବାନ୍ଧି ତା' ଉପରେ ପାଦରଖି ଗାଈ ଚରାଇବାକୁ ଯିବା ନିମନ୍ତେ ଶ୍ରୀକୃଷ୍ଣଙ୍କୁ ପ୍ରସ୍ତୁତ କରାଉଥିଲେ। ଗାଈ ଚରାଇବାବେଳେ ସମୟ କାଟିବା ପାଇଁ ଶ୍ରୀକୃଷ୍ଣ ବିଭିନ୍ନ ଭଙ୍ଗୀ ପ୍ରଦର୍ଶନକରି ସାଥୀମାନଙ୍କୁ ଆମୋଦିତ କରୁଥିଲେ। ବିଭିନ୍ନ ଉପକରଣ ଓ ବଂଶୀଧ୍ୱନୀ ମାଧ୍ୟମରେ ଶବ୍ଦ ସୃଷ୍ଟି କରାଯାଉଥିଲା। ବିଶ୍ୱାସ କରାଯାଏ; ଶ୍ରୀକୃଷ୍ଣଙ୍କ ଏହି ମାନବଲୀଳାକୁ ଦେଖିବାପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ଆସୁଥିଲେ। କ୍ରମେ ଏହା ଏକ ଲୋକନୃତ୍ୟର ରୂପଧାରଣ କରିଥିଲା। ଅନ୍ୟ କେତେଜଣ ମତବ୍ୟକ୍ତ କରନ୍ତି ଯେ; ପ୍ରାଚୀନ କଳିଙ୍ଗର ଅଧିବାସୀ ଥିଲେ ସମରପ୍ରିୟ। ପ୍ରାଚୀନ କଳିଙ୍ଗ କହିଲେ ଆଧୁନିକ ଓଡ଼ିଶାର ଦକ୍ଷିଣ ଭାଗକୁ ବୁଝାଏ। ଏ ଅଞ୍ଚଳସବୁ ଥିଲା ଦୁର୍ଗମ 'ଗିରି'ରେ ପରିପୂର୍ଣ୍ଣ। ବିପଦସଂକୁଳ ଅରଣ୍ୟ ପଥକୁ ଅତିକ୍ରମ କରି ଏ ଅଞ୍ଚଳର ଯୋଦ୍ଧାମାନେ ଶତ୍ରୁଙ୍କୁ ପରାସ୍ତ କରିବା ନିମନ୍ତେ 'ରଣପା' ବ୍ୟବହାର କରୁଥିଲେ। ଏହାର ବ୍ୟବହାର ଦ୍ୱାରା ସରୀସୃପ ଓ ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇବା ସହ କଣ୍ଟକିତ ରାସ୍ତାକୁ ଅତି ସହଜରେ ଏବଂ ସ୍ୱଳ୍ପ ସମୟରେ ଅତିକ୍ରମ କରି ହେଉଥିଲା। ବାଡ଼ି ବ୍ୟବହାର ଦ୍ୱାରା ଉତ୍ପନ୍ନ ଶବ୍ଦ ମଧ୍ୟ ସରୀସୃପମାନଙ୍କୁ ଦୂରେଇ ରଖୁଥିଲା। ଅନ୍ୟ କେତେକ ଆଲୋଚକଙ୍କ ମତରେ - ଅତୀତରେ ରାଜରାଜୁଡ଼ାଶାସନ ସମୟରେ ଦୂତମାନଙ୍କ ଦ୍ୱାରା ବାର୍ତ୍ତା ପ୍ରେରଣ କରାଯାଉଥିଲା। ସଡ଼କ ପଥ ଭଲନଥିବା ଅଭାବ ହେତୁ ଦୁର୍ଗମ ଅଞ୍ଚଳ ଅତିକ୍ରମ କରିବା ପାଇଁ 'ରଣପା' ବ୍ୟବହାର କରାଯାଉଥିଲା।

'ରଣପା' ନୃତ୍ୟ ଗଂଜାମ ଜିଲ୍ଲାର ଏକ ମୌଳିକ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ନୃତ୍ୟ ଛତିଶଗଡ଼ର ଆଦିବାସୀମାନଙ୍କ ଦ୍ୱାରା ମଧ୍ୟ ପ୍ରଦର୍ଶିତ ହେଉଥିବା ଦେଖାଯାଏ। ଏହି ନୃତ୍ୟକୁ ସେଠାରେ 'ଗେଡ଼ି' ନୃତ୍ୟ କୁହାଯାଏ। ପୁରୁଷ ଓ ସ୍ତ୍ରୀ ଉଭୟେ ପାଇକଚ୍ଛା ମାରି, ମୁଣ୍ଡରେ ପକ୍ଷୀର ପର ଓ ମୟୁରପୁଚ୍ଛ ଲଗାଇ, ପାଦରେ ଝୁମୁକାର ବଳା ପିନ୍ଧି ଏ ନୃତ୍ୟ ପରିବେଷଣ କରିଥା'ନ୍ତି। ଲାଲ୍‌ଶାଢ଼ୀ ଓ କଉଡ଼ିର ଅଳଙ୍କାର ମାନ ଧାରଣ କରିବା ସହ, ବୃତ୍ତାକାର ଭାବରେ ପର୍ବପର୍ବାଣିରେ ଏହି ନୃତ୍ୟ ପ୍ରଦର୍ଶନ କରିଥା'ନ୍ତି। ସେହିପରି ଅନେକ ସମୟରେ ସର୍କସ୍‌ରେ 'ରଣପା'ର ବ୍ୟବହାର ଦେଖାଯାଏ। ୧୨ ଫୁଟ ଲମ୍ବ ବାଉଁଶରେ ପାଦ ରଖିବା ପାଇଁ ପାହୁଲା ସଂଯୋଗ କରି, ଏମାନେ ନୃତ୍ୟ ପରିବେଷଣ କରିଥା'ନ୍ତି। ଆଧୁନିକ ଭାଓଲିନ୍ ଧରି ଏମାନେ ସଂଗୀତର ତାଳେତାଳେ ଭୂମି ସ୍ପର୍ଶ କରୁଥିବା ଲମ୍ବା ପ୍ୟାଣ୍ଟ, ସାଧାରଣ ପାଇଜାମା ଓ ମୁଣ୍ଡରେ ଟୋପି ଧାରଣ କରିଥା'ନ୍ତି। ଅନେକ ସମୟରେ ବିଜ୍ଞାପନ ପାଇଁ ମଧ୍ୟ 'ରଣପା' ବାଡ଼ିରେ ବିଭିନ୍ନ ଆକର୍ଷଣୀୟ ପୋଷାକ ପିନ୍ଧି ମେଳା, ମହୋତ୍ସବ ତଥା ଯାତ୍ରା ସମୟରେ ଏହି କଳାକାରମାନଙ୍କୁ ଦେଖିବାକୁ ମିଳିଥାଏ। ଏହାର ଲୋକପ୍ରିୟତା ଏତେ ବେଶି ଯେ 'ପ୍ରେମ ଅଢ଼େଇ ଅକ୍ଷର' ଚଳଚ୍ଚିତ୍ରରେ ନାୟକ ବାବୁଶାନ ସହିତ ରଣପା କଳାକାରଙ୍କ ନୃତ୍ୟ ଦେଖିବାକୁ ମିଳିଥିଲା।

**'ରଣପା' ନିର୍ମାଣ କୌଶଳ:** 'ରଣପା' ନୃତ୍ୟରେ ରଣପା ବାଡ଼ିର ଭୂମିକା ଅତ୍ୟନ୍ତ ଉପାଦେୟ। ଏହି ନୃତ୍ୟରେ ରଣପା ବାଡ଼ିକୁ ମୁଖ୍ୟ ଉପାଦାନ ରୂପେ ଗ୍ରହଣ କରାଯାଉଥିବା ବେଳେ ଅନ୍ୟ ସମସ୍ତ ବାଦ୍ୟ ଉପକରଣଗୁଡ଼ିକ ସହାୟକ ଭୂମିକା ନିର୍ବାହ କରିଥାନ୍ତି। କିମ୍ବଦନ୍ତୀ କହେ ଶ୍ରୀକୃଷ୍ଣଙ୍କ ପ୍ରିୟ ବୃକ୍ଷ ଥିଲା ବାଉଁଶ। ବାଉଁଶ ନିର୍ମିତ ବଂଶୀ କୃଷ୍ଣଙ୍କର ଥିଲା ଅତି ପ୍ରିୟ। ଏହି ବଂଶୀସ୍ୱନରେ ସେ ଗୋପନାରୀମାନଙ୍କୁ ମୁଗ୍ଧ କରୁଥିଲେ। ପୁଣି ଗୋଗୋଷ୍ଠକୁ ଗଲାବେଳେ ବାଉଁଶ ବାଡ଼ି ଦ୍ୱାରା ଗାଈମାନଙ୍କୁ ଏକାଠି କରୁଥିଲେ। ଏହି ବାଉଁଶବାଡ଼ି 'ରଣପା' ନୃତ୍ୟର ମୁଖ୍ୟ ଉପାଦାନ। ପାକଳ ବାଉଁଶବାଡ଼ିକୁ ସଂଗ୍ରହ କରି ତାକୁ ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖାଯାଏ। ସଳଖ ବାଉଁଶ ଗୁଡ଼ିକୁ ପାଣିରୁ ଛାଣି ନିଆଁରେ ଶୁଖାଯାଏ । ଗଣ୍ଠିଗୁଡ଼ିକୁ ଋଞ୍ଛି ମସୃଣ କରାଯାଏ। ଏହାର ଉଚ୍ଚତା ରହେ ପାଞ୍ଚରୁ ସାତ ଫୁଟ। ବାଡ଼ିର ଚଉଦରୁ ସତର ଇଞ୍ଚ ମଧ୍ୟରେ ପାହୁଲା ସଂଯୋଗ କରାଯାଏ। ପାହୁଲାଟିକୁ ଶିଆଳି ଲଇ ଦ୍ୱାରା ବନ୍ଧାଯାଏ। ଓଦା ଲଇ ବନ୍ଧା ହେବା ପରେ ଶୁଖିଯାଇ ଏପରି ଶକ୍ତ ହୁଏ ଯେ, ଯେତେ ନୃତ୍ୟ କଲେ ବି ହୁଗୁଳା ହୁଏ ନାହିଁ। ସ୍ଥଳବିଶେଷରେ ବର୍ତ୍ତମାନ ଝୋଟ ନିର୍ମିତ ଦଉଡ଼ିର ମଧ୍ୟ ବ୍ୟବହାର କରାଯାଏ।

**'ରଣପା' ନୃତ୍ୟର ପୋଷାକ ପରିକଳ୍ପନା:** 'ରଣପା'ର ପୋଷାକ ଗୁଡ଼ିକ ଗୌଡ଼ୀୟ ଓ ବୈଷ୍ଣବ ଚିନ୍ତାଧାରା ଦ୍ୱାରା ପ୍ରଭାବିତ। ସାଧାରଣତଃ ଶୁଭ କାର୍ଯ୍ୟରେ ହଳଦୀ ଓ ସିନ୍ଦୂର ଶୁଭ ବୋଲି ବ୍ୟବହାର କରାଯାଏ। ତେଣୁ 'ରଣପା' ନୃତ୍ୟର ପୋଷାକ ମଧ୍ୟ ଲାଲ ଓ ହଳଦିଆ ରଙ୍ଗ ହୋଇଥାଏ। କଳାକାରମାନେ ଲାଲ ରଙ୍ଗର ଖଦି ବସ୍ତ୍ରକୁ ପାଇକଚ୍ଛା ମାରି ବ୍ୟବହାର କରନ୍ତି ଏବଂ ହଳଦିଆ ରଙ୍ଗର ଫତେଇ ଦେହରେ ପିନ୍ଧନ୍ତି। ବସ୍ତ୍ର ହୁଗୁଳା ନହେବା ପାଇଁ କମରପଟି ବନ୍ଧାଯାଏ। ନୃତ୍ୟ ସମୟରେ ଏମାନେ ପଗଡ଼ି ବ୍ୟବହାର କରନ୍ତି। ପଗଡ଼ିରେ ମୟୁରପୁଚ୍ଛ, ପକ୍ଷୀର ପର, ଗଛର ଡାଳ ଲଗାଯାଇ ଏହାକୁ ଆକର୍ଷଣୀୟ କରାଯାଏ। ଏପରିକି ଶାଢ଼ୀର ସୁନ୍ଦର ଧଡ଼ୀକୁ ଫତେଇରେ ଯୋଡ଼ିଯାଇ, ଏହାକୁ ଅଧିକ ସୁନ୍ଦର କରାଯାଇଥାଏ।

**'ରଣପା' ନୃତ୍ୟର ଆଭୂଷଣ:** 'ରଣପା' ନୃତ୍ୟରେ ବ୍ୟବହୃତ ପ୍ରସାଧାନ ସରଳ। ଜନସାଧାରଣଙ୍କ ବ୍ୟବହାର ସାମଗ୍ରୀକୁ ନେଇ ଏହା ପରିକଳ୍ପିତ। 'ରଣପା' ନୃତ୍ୟରେ



ସିନ୍ଦୁରର ଶିରୀ ଓ ଚନ୍ଦନର ଟିପା କଳାକାରମାନେ ଧାରଣ କରିଥା'ନ୍ତି। ପରମ୍ପରା ଅନୁସାରେ କଉଡ଼ି ଓ ପୋହଳାର ମାଳ; ଗଳା ଓ ବାହୁରେ ବନ୍ଧା ଯାଇଥାଏ। ଆଲୁମିନିୟମ୍ ତିଆରି କଙ୍କଣ ମଧ୍ୟ କଟିରେ ଧାରଣ କରାଯାଇଥାଏ। ଏହା ସହ କାଚମାଳି ବାହୁରେ ବାହୁବନ୍ଧ ରୂପେ ବ୍ୟବହୃତ ହୋଇଥାଏ।

**'ରଣପା' ନୃତ୍ୟର ବାଦ୍ୟଯନ୍ତ୍ର:** ଭରତମୁନିଙ୍କ 'ନାଟ୍ୟଶାସ୍ତ୍ର'ରେ ପଞ୍ଚଧ୍ୱନିର ବ୍ୟବହାର ଦେଖିବାକୁ ମିଳେ। ସେଗୁଡ଼ିକ ହେଲା ନଖଜ, ବାୟୁଜ, ଚର୍ମଜ, ଧାତୁଜ ଓ କଣ୍ଠଜ। ପୁଣି ଋରି ପ୍ରକାର ବାଦ୍ୟ ଯନ୍ତ୍ର ଯଥା -'ତତ୍‌ବାଦ୍ୟ': ଅର୍ଥାତ୍ ଯେଉଁ ବାଦ୍ୟରେ ତାର ସଂଯୋଗ ହୋଇ ଝଙ୍କାର ଦ୍ୱାରା ଧ୍ୱନି ସୃଷ୍ଟି ହୁଏ, ତାହାକୁ ତତ୍‌ବାଦ୍ୟ କୁହାଯାଏ। ବେହେଲା, କେନ୍ଦେରା, ସିତାର, ବୀଣା, ଘୁଡ଼ୁକି ଆଦି ଏହି ଶ୍ରେଣୀର ବାଦ୍ୟ। ଅନ୍ୟଏକ ବାଦ୍ୟ ହେଉଛି 'ସୁଷିର' ଅର୍ଥାତ୍ ବାୟୁ ଦ୍ୱାର ଏହି ଧ୍ୱନି ଉତ୍ପନ୍ନ କରାଯାଏ। ବଂଶୀ, ମୁଖବୀଣା, ଶାହାନାଇ, ମହୁରୀ ଆଦି ଏହି ଶ୍ରେଣୀର ବାଦ୍ୟ। ପୁଣି ଯନ୍ତ୍ରର ମୁହଁକୁ ଚର୍ମ ଦ୍ୱାରା ଆବୃତ୍ତ କରି ହାତ କିମ୍ବା କୌଣସି ବସ୍ତୁ ଦ୍ୱାରା ଆଘାତକରି ଯେଉଁ ଧ୍ୱନି ସୃଷ୍ଟି କରାଯାଏ ତାହାକୁ 'ଅବନଦ୍ଧ' ବାଦ୍ୟ କୁହାଯାଏ। ଢୋଲ, ଋଙ୍ଗୁ, ମୃଦଙ୍ଗ, ତବଲା ଆଦି ଏହି ଶ୍ରେଣୀର ବାଦ୍ୟ। ଶେଷରେ ଧାତୁ ଦ୍ୱାରା ନିର୍ମିତ ବାଦ୍ୟ; ବସ୍ତୁ କିମ୍ବା ବାଡ଼ି ଦ୍ୱାରା ଆଘାତ ପାଇ ଶବ୍ଦ ସୃଷ୍ଟି କଲେ ତା'କୁ 'ଘନବାଦ୍ୟ' କୁହାଯାଏ। ଝାଞ୍ଜ, ଗିନି, ଘଣ୍ଟା, ଘଣ୍ଟି, କରତାଳ ଆଦି ଏହି ଶ୍ରେଣୀର ବାଦ୍ୟ। କିନ୍ତୁ 'ରଣପା' ନୃତ୍ୟରେ ମୁଖ୍ୟ ବାଦ୍ୟ ହେଉଛି ଋଙ୍ଗୁ ଓ ଢୋଲ । ଏହା 'ଅବନଦ୍ଧ' ବାଦ୍ୟ ଶ୍ରେଣୀୟ। ବିଶେଷ କରି ଋଙ୍ଗୁବାଦ୍ୟକାର ରଣପା ନୃତ୍ୟବେଳେ, ବିଭିନ୍ନ ମୋଡ଼ ସଂପର୍କରେ ନିର୍ଦ୍ଦେଶ ଦେଇଥାଏ। ଋଙ୍ଗୁବାଦ୍ୟ ପନ୍ଦର ଇଞ୍ଚ ବ୍ୟାସ ବିଶିଷ୍ଟ ଏକ ବୃତ୍ତାକାର ବାଉଁଶ ଫ୍ରେମ୍ ଉପରେ ଗୋରୁ ଚମଡ଼ା ଦ୍ୱାରା ଆବୃତ୍ତ ହୋଇଥାଏ। ଭିତରପଟୁ, ଗୋରୁ ଚମଡ଼ା ନିର୍ମିତ ଦଉଡ଼ିରେ ଏହାକୁ ବନ୍ଧା ଯାଇଥାଏ। ଭଲ ଶବ୍ଦ ନିମନ୍ତେ ସମୟେ ସମୟେ ଏହାକୁ ନିଆଁରେ ସେକ ଦେବାକୁ ପଡ଼ିଥାଏ । ଏକ ଫୁଟ ଲମ୍ବର ଗୋଟିଏ ସରୁ କାଠି ଓ ଦଶଇଞ୍ଚ ଲମ୍ବର ଅଗ୍ରଭାଗ ସରୁଥିବା ମୋଟା ବାଡ଼ି; ଏହି ବାଦ୍ୟକୁ ବଜାଇବା ନିମନ୍ତେ ବ୍ୟବହାର କରାଯାଏ। ମୋଟାବାଡ଼ିକୁ ଡାହାଣ ହାତରେ ଓ ସରୁ ବାଉଁଶ କାଠିକୁ ଆଙ୍ଗୁଠି ଭିତରେ ଧରି ବାଦ୍ୟ ବଜାଯାଏ।

ସେହିପରି ଅନ୍ୟ ଏକ ବାଦ୍ୟ ହେଲା ଢୋଲ। ଋରିଫୁଟ ପରିଧି ଓ ତିନିଫୁଟ ଲମ୍ବ ଗମ୍ଭାରୀ କିମ୍ବା ତାଳ କାଠରେ ଏହା ନିର୍ମାଣ କରାଯାଏ। ଏହାର ମଝି ଅଂଶ ଫମ୍ପା ଥାଏ। ଦୁଇପଟକୁ ଗୋରୁ ଚମଡ଼ାରେ ଆବୃତ କରାଯାଏ। ଚମଡ଼ା ତିଆରି ଦଉଡ଼ିରେ ଢୋଲର ଉପର ଦେଇ ଏହାକୁ ବନ୍ଧାଯାଏ। ଡାହାଣପଟକୁ ଦଶଇଞ୍ଚ ଲମ୍ବ କାଠି ଏବଂ ବାମପଟକୁ ହସ୍ତ ସଞ୍ଚାଳନ ଦ୍ୱାରା ଆଘାତ କରି ଧ୍ୱନି ସୃଷ୍ଟି କରାଯାଏ। ସେହିପରି ଅନ୍ୟ ଏକ ବାଦ୍ୟ ହେଲା ମହୁରୀ। ଏହା 'ସୁଷିର' ବାଦ୍ୟ ଶ୍ରେଣୀୟ । ଛଅ ଇଞ୍ଚ ଲମ୍ବା ଏକ ଫମ୍ପା ବାଉଁଶ କିମ୍ବା ଶିଶୁଆ କାଠର ନଳୀ ଉପରେ, ସାତଟି ଗର୍ତ୍ତ କରି ଏହା ତିଆରି କରାଯାଇଥାଏ। ଉପର ସରୁ ଅଂଶର ଶେଷ ଭାଗରେ ଗୋଟିଏ ତମ୍ବାପାତିଆ ସଂଯୋଗକରି ଏକଇଞ୍ଚ ବ୍ୟବଧାନରେ ତାଳ ପତ୍ରରେ ନିର୍ମିତ ପିକକୁ ସ୍ୱର ଉତ୍ପାଦନକାରି ଯନ୍ତ୍ରରୂପେ ଏହାକୁ ବ୍ୟବହାର କରାଯାଏ। ଏହାଛଡ଼ା କରତାଳ, ତୁମ୍ବା, ବଂଶୀ, ଗିନି ଇତ୍ୟାଦି ବାଦ୍ୟଯନ୍ତ୍ରର ସଂଯୋଗରେ ଏହି ନୃତ୍ୟ ପ୍ରଦର୍ଶନ କରାଯାଏ।

'ରଣପା' ନୃତ୍ୟ ସାଧାରଣତଃ ବାଦ୍ୟ, ସଂଗୀତ ଓ ନୃତ୍ୟର ସମାହାରରେ ପରିକଳ୍ପିତ। ଏକ ପ୍ରଶସ୍ତ ସମତଳ ଶୁଷ୍କ ସ୍ଥାନରେ ଏହାକୁ ପରିବେଷଣ କରାଯାଏ। ଋଙ୍ଗୁ, ଢୋଲ, ମହୁରୀ ଓ ରଣପା କଳାକାରମାନେ ଦଳବଦ୍ଧ ଭାବେ ମଞ୍ଚରେ ଏକତ୍ରିତ ହୁଅନ୍ତି। ଚାଙ୍ଗୁ ବାଦକ ତାଳ ଦ୍ୱାରା ନୃତ୍ୟର ମଙ୍ଗ ଧରେ। ତା'ପରେ ଋଙ୍ଗୁବାଦ୍ୟର ତାଳେତାଳେ ନୃତ୍ୟ ଆରମ୍ଭ ହୋଇଥାଏ। ଏହି ନୃତ୍ୟ ଦଳରେ ଦଶ ବାର ଜଣ ଦଳଗତ ଭାବେ ନୃତ୍ୟ ପରିବେଷଣ କରନ୍ତି। ଦୁଇ ହାତରେ ରଣପା ଦଣ୍ଡ ଧରି ପାହୁଲା ଉପରେ ପାଦର ବୃଦ୍ଧା ଓ ତର୍ଜନୀ ଆଙ୍ଗୁଳି ଦ୍ୱାରା ବାଡ଼ିକୁ ଜାବୁଡ଼ି ଧରି ନୃତ୍ୟ କରିବାକୁ ପଡ଼ିଥାଏ। ଏଥିରେ ଶରୀରର ଭାରସାମ୍ୟ ରକ୍ଷା କରିବା ଏକାନ୍ତ ଆବଶ୍ୟକ। କଳାକାରମାନେ ଶ୍ରୀକୃଷ୍ଣ ବିଷୟ ସମ୍ବଳିତ ମାର୍କଣ୍ଡ ଦାସଙ୍କ 'କେଶବ କୋଇଲି', ଭକ୍ତ ଚରଣଙ୍କ 'କଳାକଳେବର କହ୍ନାଇ' ପ୍ରାୟତଃ ଗାନ କରିଥା'ନ୍ତି। ଯେପରିକି -

*''କୋଇଲି ଲକ୍ଷ୍ମୀବନ୍ତ ଅଟେ ନାରାୟଣ।*
*ଲଳିତରେ ନାମଦେଲେ ଖାର୍ଗବ ବ୍ରାହ୍ମଣ, ଲୋ କୋଇଲି।*
*କୋଇଲି, ବୃନ୍ଦାବନ ନ ଶୋଭଇ ମୋର।*
*ବତ୍ସା କିଏ ଚରାଇବ ଯମୁନାତୀର, ଲୋ କୋଇଲି।'' (କେଶବକୋଇଲି)*

*ଏବଂ ''କଳା କଳେବର କହ୍ନାଇ ସଙ୍ଗେ ରୋହିଣୀ ସୂତ।*
*କରନ୍ତି ମଥୁରା ବିଜୟ ଦାଣ୍ଡେ ଦେଖ ସଙ୍ଗାତ ।୧।*
*ଖସିପଡୁଛି କି ଆକାଶୁ ଏକି ଗଙ୍ଗା ଯମୁନା।*
*କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା।୨।*
*ଗହନ କାନନ ବନରେ ଘୋର ବରଷା କାଳ।*
*ଗିରିବାମ କରେ ଧଇଲେ ନନ୍ଦ ଯଶୋଦା -ବାଳ ।୩।*
*ଘରେ ନ ରହନ୍ତି ଗଉଡ଼େ ବଡ଼ ଅଧମ ଜାତି।*
*ଘେନି ବତ୍ସାବୃନ୍ଦ ସଙ୍ଗତେ ବନେ ବୁଲନ୍ତି ନିତି ।୪।" (କଳାକଳେବର କହ୍ନାଇ)*

ଏହି ନୃତ୍ୟକୁ ମୁକ୍ତମଞ୍ଚ ଏବଂ ବ୍ୟବସାୟିକ ମଞ୍ଚ ଉଭୟରେ ପରିବେଷଣ କରାଯାଇପାରେ। ମୁଖ୍ୟତଃ ଏହା ଏକ ମୁକ୍ତମଞ୍ଚର ନୃତ୍ୟ। ରାଜଦାଣ୍ଡ, ଛକ, ଦେବୀ ମଣ୍ଡପ, ମେଳା ମହୋତ୍ସବରେ



ଏହି ନୃତ୍ୟ ପରିବେଷଣ କରାଯାଏ। ବୀର ରସ ଏହାର ମୁଖ୍ୟ ଆଧାର ହେଲେ ହେଁ, ବାତ୍ସଲ୍ୟ ରସର ପ୍ରୟୋଗ ମଧ୍ୟ ଏହି ନୃତ୍ୟରେ ଦେଖିବାକୁ ମିଳେ। ଅତୀତରେ ଏହି ନୃତ୍ୟ କେବଳ ଭଗବତ୍ ଚେତନା ସୃଷ୍ଟି କରିବା ନିମନ୍ତେ ପରିବେଷଣ କରାଯାଉଥିଲା। କିନ୍ତୁ ସମୟର ପରିବର୍ତ୍ତନ ସହ ସଂପ୍ରତି ଜନସଚେତନତା ସୃଷ୍ଟି କରିବା ଦିଗରେ ଏହାକୁ ବ୍ୟବହାର କରାଯାଉଛି।

ବସ୍ତୁତଃ ଏହି ଧାରାକୁ ଅବ୍ୟାହତ ରଖିବାକୁ ହେଲେ ଏହି ନୃତ୍ୟରେ ନୂତନ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଏକାନ୍ତ ଆବଶ୍ୟକ। ସଂପ୍ରତି କୌଣସି କଳାରୂପକୁ ବଞ୍ଚାଇବା ପାଇଁ ପ୍ରାୟୋଜକ ଯୋଗାଡ଼ କରିବା ଏକାନ୍ତ ଆବଶ୍ୟକ । ଅତୀତରେ ରାଜା, ଜମିଦାର କିମ୍ବା ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ସହଯୋଗରେ ଲୋକନୃତ୍ୟ ଗୁଡ଼ିକ ବଞ୍ଚି ରହିବା ଦିଗରେ ସକ୍ଷମ ହୋଇଥିଲେ । ବର୍ତ୍ତମାନର 'ବିଶ୍ୱଗ୍ରାମ ପରିକଳ୍ପନା' ପ୍ରେକ୍ଷାପଟରେ ଏହି ନୃତ୍ୟ ନିମନ୍ତେ ଇଣ୍ଟରନେଟ୍‌ରେ ୱେବ୍‌ସାଇଟ୍ ତିଆରି କରି ଏହାକୁ ବିଶ୍ୱ ଦରବାରରେ ପ୍ରସାରିତ କରିବା ଏକାନ୍ତ ଆବଶ୍ୟକ । ଏତଦ୍‌ବ୍ୟତୀତ ଏହାର ଦୃଶ୍ୟଚିତ୍ର ଆଧୁନିକ କୌଶଳରେ ପ୍ରସ୍ତୁତ କରି ବଜାରରେ ପ୍ରସାରିତ କରିବା ଆବଶ୍ୟକ । ପୁଣି ଏହାର ବିଷୟବସ୍ତୁ ଏବଂ ପରିବେଷଣ କୌଶଳକୁ ମଧ୍ୟ ପାରମ୍ପରିକତା ସହ ଆଧୁନିକତାର ସ୍ପର୍ଶ ଦେଲେ ହିଁ, ଏହି ନୃତ୍ୟ କାଳବକ୍ଷରେ ଆପଣାର ସ୍ୱାକ୍ଷର ଅଧିକ ଉଜ୍ଜ୍ୱଳ କରି ଗଢ଼ିତୋଳିବ, ଏଥିରେ ସନ୍ଦେହ ନାହିଁ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୨୧୪୧୭୨୭

# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ

ବାଲେଶ୍ୱର (ପିଏନ୍)-ଗତକାଲି ଅପରାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମୀ ରଞ୍ଜିତ ଦଳବେହେରା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଳ ସେନ ଜଗଦ୍ଦେବଙ୍କ ସମେତ ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ, ପୋଲିସ୍ ଅଧିକାରୀ, ଜାତୀୟ ରାଜପଥ କର୍ତୃପକ୍ଷ ଅଧିକାରୀ, ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ମାର୍ଚ୍ଚ ମାସ ୩୦ତାରିଖରେ ଅନୁଷ୍ଠିତ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ତେବେ ସଡକ ଦୁର୍ଘଟଣା କ୍ଷେତ୍ରରେ ନିର୍ଦ୍ଧାରିତ ସମୟସୀମା ୨୪ରୁ ୪୮ ଘଂଟା ମଧ୍ୟରେ ପୋଲିସ, ପରିବହନ ଓ ରାଜପଥ କର୍ତୃପକ୍ଷଙ୍କ



ଦ୍ୱାରା ମିଳିତ ତଦନ୍ତ ସମାପନ ନେଇ ପ୍ରାବଧାନ ରହିଥିଲେ ହେଁ କେତେକ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ହୋଇପାରି ନ ଥିବାରୁ ଜିଲ୍ଲା ସଡକ ସୁରକ୍ଷା କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ମିଳିତ ତଦନ୍ତ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସାରିବା ସହ ବର୍ତମାନ ନୂତନ ଭାବେ ପ୍ରଚଳିତ ହୋଇଥିବା ଆଇ.ଆର.ଏ.ଡି(ସମନ୍ୱିତ ସଡକ ଦୁର୍ଘଟଣା ତଥ୍ୟ) ସଫ୍ଟୱେର୍‌ରେ ତାହାକୁ ଅପଲୋଡ୍ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ୬୦ ନମ୍ବର ଜାତୀୟ ରାଜପଥର ଭେଲୋରାଠାରେ ସାଇନେଜ ଲଗାଇବା ପାଇଁ ଗତ ବୈଠକରେ ନିଷ୍ପତି ହୋଇଥିଲେ ହେଁ ତାହା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ ଏହା ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା । ସେହିପରି ୧୬ ନମ୍ବର ଜାତୀୟ ରାଜପଥରେ ରେମୁଣାଠାରେ ସର୍ଭିସ୍ ରୋଡ୍‌ର ମରାମତି କାମ ଚଳିତ ମଇ ମାସ ଶେଷ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଗାଡି ଚାଳନା ବେଳେ ମୋବାଇଲ ଫୋନ୍‌ର ବ୍ୟବହାର ଓ ନିଶା ସେବନ କରି ଗାଡି ଚାଳନା କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ଗୃହରେ ସଦସ୍ୟମାନେ ମତପ୍ରକାଶ କରିଥିଲେ । ଜିଲ୍ଲାର ସହରାଂଚଳଗୁଡିକରେ ସିସିଟିଭି ଲଗାଇବା ଏବଂ ଅଚଳ ସିସିଟିଭି ମରାମତି କରିବା ପାଇଁ ଜିଲ୍ଲା ସଡକ ସୁରକ୍ଷା କମିଟି ପାଖରେ ଅର୍ଥ ଓ ସମ୍ବଳ ଉପଲବଧ ଥିବା ବେଳେ ତାହାର ବ୍ୟବହାର କରିବାକୁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ପରାମର୍ଶ ଦେଇଥିଲେ । ଜିଲ୍ଲାର ବିଭିନ୍ନ ପେଟ୍ରୋଲ ପମ୍ପଗୁଡିକରେ 'ନୋ ହେଲମେଟ, ନୋ ପେଟ୍ରୋଲ' ସ୍ଲୋଗାନ ସମ୍ବଳିତ ବ୍ୟାନର ଲଗାଇବା ସହ ବିନା ହେଲମଟରେ ବାଇକ୍ ଚାଳକଙ୍କୁ ପେଟ୍ରୋଲ ନ ଦେବା ପାଇଁ ପେଟ୍ରୋଲ୍ ପମ୍ପ କର୍ମଚାରୀଙ୍କୁ ସଚେତନ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜାତୀୟ ରାଜପଥରେ 'ନୋ ପାର୍କିଂ' ସାଇନେଜ ଓ ବୋର୍ଡ ଯେଭଳି ସଠିକ୍ ଭାବେ ଦୃଶ୍ୟମାନ ହେବ, ବସୱେ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ଟ୍ରକ୍‌ମାନଙ୍କ ପାଇଁ ପ୍ରସ୍ତାବିତ ଟର୍ମିନାଲରେ ପାର୍କିଂ ବ୍ୟବସ୍ଥା ଏବଂ ଫୁଲାଡି ପୋଲ ମରାମତି କାମ ଉପରେ ବୈଠକରେ ଆଲୋଚନା କରାଯାଇଥିଲା । ତୁରନ୍ତ ଏ ସମ୍ପର୍କିତ କାମ ଆରମ୍ଭ କରିବାକୁ ଜାତୀୟ ରାଜପଥ କର୍ତୃପକ୍ଷଙ୍କୁ କୁହାଯାଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ମାଲ୍ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର, ନିଶା ସେବନ କରି ଗାଡି ଚାଳନା, ବିନା ହେଲମେଟ୍‌ରେ ଗାଡି ଚାଳନା ଆଦି ଅପରାଧ ଅଧାରରେ ଆର.ଟି.ଓ.ଙ୍କ ଦ୍ୱାରା ଜାନୁଆରୀ, ୨୦୨୨ରୁ ଏପ୍ରିଲ ୨୦୨୨ ମଧ୍ୟରେ ୯୪୨ଜଣ ଆଇନ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୪୩୫ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୨ ମସିହା ଜାନୁୟାରୀ ରୁ ମାର୍ଚ୍ଚ ମଧ୍ୟରେ ସମୁଦାୟ ୯୨ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୫୬ ଜୀବନହାନୀ ହୋଇଛି । ସେହିପରି ୩୮ଜଣ ଗୁରୁତର ଆହତ ହୋଇଥିବା ବେଳେ ୮ଜଣ ସାମାନ୍ୟ ଆହତ ହୋଇଛନ୍ତି । ତେବେ ଗତ ବର୍ଷ ତୁଳନାରେ ସମାନ ସମୟସୀମା ମଧ୍ୟରେ ଚଳିତ ବର୍ଷ ୧୬.୩୬ ପ୍ରତିଶତ କମ ଦୁର୍ଘଟଣା ଏବଂ ୧୧.୧୧ ପ୍ରତିଶତ କମ ଜୀବନହାନୀ ହୋଇଛି । ଜୀବନହାନୀ ହ୍ରାସ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଡାକ୍ତରଖାନା ଆଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ଗୁଡ୍ ସାମାରିଟାନ୍ ବ୍ୟବସ୍ଥାକୁ ଅଧିକା ସୁଦୃଢ଼ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଜିଲ୍ଲା ସଡକ ସୁରକ୍ଷା ସମିତି ତରଫରୁ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସପିଟାଲ ପହଂଚାଇବାରେ ସହାୟତା କରିଥିବା ୩ଜଣ ଗୁଡ୍ ସାମାରିଟାନ(ଭଲ ସାହାଯ୍ୟକାରୀ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ୩ଜଣ ହେଲେ ଶ୍ରୀ ତପନ କୁମାର କମିଳା, ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ । ସେମାନଙ୍କୁ ମାନପତ୍ର ଏବଂ ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଶ୍ରୀ ଭବେନ୍ଦ୍ର ବାରିକ ଓ ଶ୍ରୀ ଭବାନୀ ଶଙ୍କର ବାରିକ୍ ଦୁର୍ଘଟଣା ବେଳର ସ୍ଥିତି ଓ ତାଙ୍କ ଦ୍ୱାରା କରାଯାଇଥିବା ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଂଜିତ ଦଳବେହେରା ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଆ ପରି ଗଛଟିଏ...



ଭୁବନେଶ୍ୱର (ପିଏନ୍): ମେ' ମାସ ୭ ତାରିଖରେ ବିଶ୍ୱ ପାଳୁଛି ମାତୃଦିବସ। ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ମାତୃଦିବସ ରୂପେ ପାଳନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ପରିବେଶବିତ୍ ସୁଶାନ୍ତ ସାହୁ ମାତୃଦିବସକୁ ଏକ ନିଆରା ଢଙ୍ଗରେ ପାଳି ସାରା ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବାକୁ ପ୍ରୟାସ କରିଛନ୍ତି। ବିଭିନ୍ନ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ତିଆରିଛନ୍ତି ଏକ ହୃଦୟ। ହୃଦୟ ଭିତରେ ଗୋଟିଏ ମାତୃରୂପୀ ଗଛକୁ ସ୍ଥାନିତ କରି ଏହି ଅବସରରେ ଭକ୍ତିପୂତ ଶ୍ରଦ୍ଧା ଓ ସମ୍ମାନ ଜଣାଇଛନ୍ତି। ସୁଶାନ୍ତ କୁହନ୍ତି-ମାଆ ପରି ଗଛଟିଏ। ମାଆ ମମତାମୟୀ, ବାତ୍ସଲ୍ୟମୟୀ। ସେ ଗୋଟିଏ ମଣିଷ। ଜାୟା, ଜନନୀ ଭଳି ତା'ର କେତେ ନାଁ। କେତେ ରୂପ। ସେ ହାତ ଧରି ବାଟ ଋଲିବା ଶିଖାଇଥାଏ। ନିଜେ ଜଳି ସନ୍ତାନକୁ ଆଲୋକ ଦେଖାଇଥାଏ। ସେ ସହନଶୀଳ, ସ୍ନେହୀ। ଅଳି, ଅର୍ଦ୍ଦଳି ସବୁ ସେ ସହ୍ୟ କରେ। ଯାହାର ସ୍ନେହ ଆଉ ପ୍ରେମରେ ନଥାଏ କିଛି ସ୍ୱାର୍ଥ ଆଉ କାମନା। ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସେ କେବେ ଅବହେଳା କରେନାହିଁ। ତା'ର ତ୍ୟାଗ ଅବର୍ଣ୍ଣନୀୟ। ନିଃସ୍ୱାର୍ଥପର ଭାବେ ସନ୍ତାନମାନଙ୍କ ପ୍ରତି ଅଜାଡ଼ି ଦିଏ ଅଜସ୍ର ସ୍ନେହ। ତା'ର ପଣତକାନି ସମସ୍ତ ବାଧାବିଘ୍ନରୁ ରକ୍ଷା କରିଥାଏ। ସେ ହେଉଛି ତ୍ୟାଗ ଓ ତପସ୍ୟାର ପ୍ରତୀକ। ଠିକ୍ ମାଆ ପରି ଗଛଟିଏ ବିଶ୍ୱର ପ୍ରତିଟି ସନ୍ତାନ ପାଇଁ ନିଃସ୍ୱାର୍ଥପର ଭାବେ ଅଜାଡ଼ି ଦେଇଥାଏ ସ୍ନେହ। ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ବହନ କରି ସଦା ସର୍ବଦା ସୁରକ୍ଷା କରିଥାଏ। ଉଭୟ ଜନ୍ମଦାତ୍ରୀ ଓ ମାତୃରୂପୀ ଗଛକୁ ଭଲ ପାଇବା ସହ ତା'ର ସୁରକ୍ଷା ପାଇଁ ଏହି ଶୁଭ ଦିବସରେ ପ୍ରତିଟି ସନ୍ତାନ ହୃଦୟତାର ସହ ଗୋଟିଏ ଲେଖାଏଁ ଗଛ ଲଗାଇ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ମାର୍ଚ୍ଚ ୧୮

# ଅଜବ୍ ନିୟମ


ସୁଚରିତା ମହାନ୍ତି

ସକାଳୁ ଉଠି ସମ୍ବାଦ ପତ୍ର ଟିକେ ନ ପଢ଼ିଲେ ଭଲ ଲାଗେନି । ତେଣୁ ଚା’ କପ୍ ସହିତ ଦୁଇ ଚାରି ଥର ଆଖି ବୁଲେଇ ଆଣିଲେ ଆତ୍ମସନ୍ତୋଷ ମିଳେ । ଦେଶ ଦୁନିଆ ର କଥା ଜାଣିବା ପାଇଁ ମିଳେ ତା ସହିତ ଏମିତି କିଛି ରୋଚକ ପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସେ ଯେ ଭାରି ମଜା ଲାଗେ ଆଉ ଆଶ୍ଚର୍ଯ୍ୟ ମଧ୍ୟ। ଏଇ ଯେମିତି ଉତ୍ତର କୋରିଆ ର କିଙ୍ଗ୍ ଜଙ୍ଗ ଉନ୍ ଙ୍କ ର ନାମ କରଣକୁ ନେଇ କଡ଼ା ନିର୍ଦ୍ଦେଶ ।ଆମେ ଆମ ପିଲାମାନଙ୍କ ର ନାମ କରଣ କରିଥାଉ ଜାତକ ଗଣନା କିମ୍ବା ନିଜର ଖୁସି ଅନୁସାରେ ।ସେଇ ନାମାନୁସାରେ ପିଲାଟି ପରିଚୟ ନେଇ ସମାଜ ରେ ଠିଆ ହୁଏ । ପରେ ପରେ ସେ ହୁଏତ ଏମିତି କିଛି ଉତ୍ତମ କାର୍ଯ୍ୟ ଦ୍ୱାରା ନିଜର ପରିଚୟ କୁ ନିଜେ ସୃଷ୍ଟି କରି ତା’ର ସ୍ଥିତି ସୁଦୃଢ଼ କରିଥାଏ । ଏଥିରେ ଅନ୍ୟ କୋ ?ଣସି ଲୋକ କିମ୍ବା ସରକାରଙ୍କ ର କୌଣସି ପ୍ରକାର ଅସୁବିଧା ସୃଷ୍ଟି ହୁଏ ନାହିଁ ଅଥବା ନାମ ପରିବର୍ତ୍ତନ ର କୌଣସି ନିୟମ ନଥାଏ । ଜଣେ ଲୋକ ର ନାମ ଅହଲ୍ୟା,ରାମ, ବାସୁଦେବ ଇତ୍ୟାଦି ଇତ୍ୟାଦି ଅଛି ବୋଲି ଅନ୍ୟ କେଉଁ ଲୋକ ର ନାମ ସେଇ ଅହଲ୍ୟା,ରାମ କି ବାସୁଦେବ ରଖାଯାଇ ପାରିବ ନାହିଁ ଏହା କହିବା ବା ବୁଝିବା ନିହାତି ଭାବରେ ବାହୁଲ୍ୟ କଥା । ବେଳେ ବେଳେ ଏକଛତ୍ରବାଦ ଶାସନ ର ଭୟାନକ ଚିତ୍ର ସବୁ ଦେଖିବାକୁ ମିଳେ । ପ୍ରତ୍ୟେକ ଦେଶର ଶାସକ ଓ ଶାସନ ଭିତରେ ନିଶ୍ଚିତ ଭାବରେ ଭିନ୍ନତା ଥାଏ ।ଆମ ଦେଶ ଭାରତ ବର୍ଷକୁ ଛାଡ଼ି ଦେବା ପରେ ଅନ୍ୟ ଯେ କୌଣସି ଦେଶକୁ ଦେଖିବାକୁ ଗଲେ ସେଠିକାର ଅଜବ ଅଜବ ନିୟମ ଭିତରେ ବଞ୍ଚିବା ପାଇଁ ଜନସାଧାରଣ ବାଧ୍ୟ ହୋଇଥାନ୍ତି ।ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଏବଂ ମୁନି ଋଷି ମାନଙ୍କ ର ଦେଶ ଯେଉଁଠି ସଂସ୍କୃତି ଓ ପରମ୍ପରା ଭିତରେ ମଣିଷ ଜଡ଼ିତ ଥାଏ । ଭାଷାରେ ଭିନ୍ନତା କିମ୍ବା ପୋଷାକରେ ଭିନ୍ନତା ଥାଇପାରେ କିନ୍ତୁ ଆତ୍ମୀୟତାର ଭାବ ଡୋରରେ ସମସ୍ତେ ବନ୍ଧା। ସେମିତି ତ ମନାନ୍ତର ମତାନ୍ତର ରହିବା ସ୍ୱାଭାବିକ କଥା । କିନ୍ତୁ ଦେଶର ଶାସନ ଗାଦି ରେ ବସୁଥିବା ଶାସକ ଏମିତି କିଛି ନିୟମ ଦେଶବାସୀ ଙ୍କ ଉପରେ ବାଧ୍ୟତାମୂଳକ ଲଦି ଦିଅନ୍ତି ନାହିଁ ଯାହା ଏବେ ଉତ୍ତର କୋରିଆ ରେ ଏକ ଅଭାବନୀୟ ଘଟଣା ଘଟିଛି । ଉତ୍ତର କୋରିଆ ର କିଙ୍ଗ୍ ଜଙ୍ଗ୍ ଏକ ନିଷ୍ଠୁର ଏବଂ ସ୍ୱାର୍ଥଲିପ୍ସୁ ମନୋଭାବ ପୋଷଣ କରିଛନ୍ତି ଯାହାକି ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କୁହାଯାଇ ପାରିବ ।କିମ୍ ଜଙ୍ଗ୍ ଯେଉଁ ନିର୍ଦ୍ଦେଶ ଜାରି କରିଛନ୍ତି ତାହା ଏକ ଅଶୋଭନୀୟ ଏବଂ ନିଜ ର ଘୃଣ୍ୟ ରାଜନୀତି ର ଏକ କୁତ୍ସିତ ମାନସିକତା କହିଲେ ଅତ୍ୟୁକ୍ତି ହେବ ନାହିଁ। ତାଙ୍କ ର କ୍ରୁର ଶାସନ ନୀତି ଦ୍ୱାରା ଦେଶବାସୀ ଅତିଷ୍ଠ ଥିବା ସମୟରେ ପୁଣି ସେ ଏହି ନିର୍ଦ୍ଦେଶ ଦ୍ୱାରା ନିଜକୁ ଆହୁରି ଛୋଟ କରିଦେଇଛନ୍ତି। ନିଜର ଏକ ମାତ୍ର ଝିଅ ର ନାମ 'କିମ୍ ଜୁ ଆଏ ' ଥିବା ବେଳେ ଦେଶର ଅନ୍ୟ କୋ ?ଣସି କନ୍ୟା ସନ୍ତାନ କିମ୍ବା ମହିଳା ମାନଙ୍କ ର ନାମ କିମ୍ ଜୁ ଆଏ ରହିପାରିବ ନାହିଁ ଏବଂ ଭବିଷ୍ୟତରେ ଜନ୍ମିତ କନ୍ୟା ଶିଶୁମାନଙ୍କର ନାମ କରଣ ଏପରି ରହିପାରିବ ନାହିଁ ବୋଲି ଦୃଢ଼ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ସୁଦ୍ଧା ଯେତେ କନ୍ୟା ବା ମହିଳା ମାନଙ୍କ ର ନାମ କିମ୍ ଜୁ ଆଏ ଅଛି ସେ ଗୁଡ଼ିକ ପରିବର୍ତ୍ତନ କରି ଅନ୍ୟ ନାମ ରଖି ପ୍ରମାଣ ପତ୍ର ର ସଂଶୋଧନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏହା କ’ଣ ଏକ ଘୃଣ୍ୟ ମାନସିକତା ର ଲକ୍ଷଣ ନୁହେଁ କି ? ଏଥର ଆପଣମାନେ କୁହନ୍ତୁ ଏହା କେତେ ଦୂର ନ୍ୟାୟ ସଙ୍ଗତ !ଯଦି ଏପରି ଆମ ପିଲାମାନଙ୍କ ସହିତ ହୁଏ ତା’ହେଲେ ଏହା କେତେ ଦୂର ଗ୍ରହଣୀୟ ! ଯଦି ଜନସାଧାରଣ ଏହାକୁ ଦୃଢ଼ ଭାବରେ ପ୍ରତିବାଦ ନ କରନ୍ତି ପୁଣି କେବେ ଏକ ଚମକେଇ ଦେବା ଭଳି ଅଜବ ନିୟମ ଲାଗୁ ହୋଇପାରେ !!

*ସଂପାଦିକା 'ଭଞ୍ଜଦୀପ'*
*ମାହାଙ୍ଗା, କଟକ*
*୮୯୧୭୫୭୧୨୦୨*

# ବିମାତା, କୁମାତା ନୁହେଁ


ଅଲେଖ ଚନ୍ଦ୍ର ସାମଲ

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା’ ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା’କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା’ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନଭେଇବାକୁ ପଡ଼ିଥାଏ ତାକୁ । ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ୍ୟ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ଼୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ୱଚ୍ଛ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।

*ପୂର୍ବତନ ଡିଏଫଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ସ୍ଥାୟୀ ଶାନ୍ତିର ଠିକଣା


ଗିରିଧାରୀ ସାମଲ

ଆଜିକାଲି ପ୍ରଦେଶର ବିଭିନ୍ନ ପ୍ରାନ୍ତରେ ‘ବିଶ୍ୱଶାନ୍ତି ମହାଯଜ୍ଞ’ ମାନ ଅନୁଷ୍ଠିତ ହେଉଛି, ଦେଶବ୍ୟାପୀ ସାମାଜିକ ସଂହତି ପାଇଁ ‘ଶାନ୍ତିବାହିନୀ’ ଗୁଡ଼ିଏ ଗଠିତ ହେଉଛି ଏବଂ ଦେଶ ଦେଶ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଆନ୍ତର୍ଜାତିକ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି । ଯଦି ବାସ୍ତବରେ ବାତାବରଣରେ ଶାନ୍ତି ଥାଆନ୍ତା, ତେବେ ଏତେସବୁ ଅନୁଷ୍ଠାନର ପ୍ରୟୋଜନୀୟତା ନଥାନ୍ତା।

ଆମେ ମଧ୍ୟ ନିଜ ଚତୁଃପାର୍ଶ୍ୱରେ ତଥା ଗଣମାଧ୍ୟମର ବିବରଣୀରୁ ଏକ ଅଶାନ୍ତ ସମାଜ ଏବଂ ବିକ୍ଷୁବ୍ଧ ବିଶ୍ୱର ସ୍ପଷ୍ଟ ଚିତ୍ର ନିତିନିୟମିତ ପାଉଛୁ । ହିଂସା, ବ୍ୟଭିଚାର, ଶଠତା, ଛଳନାରେ ବିସ୍ଫୋରକ ହୋଇ ପଡ଼ିଥିବା ସାମ୍ପ୍ରତିକ ସମାଜର ଅଶାନ୍ତ ପରିସ୍ଥିତି ଯେ ନୂଆକଥା ତାହା ନୁହେଁ, ହଜାର ହଜାର ବର୍ଷ ତଳେ ବେଦ ରଚନା କାଳରେ ଋଷିମାନେ ପ୍ରତି ମନ୍ତ୍ର ଶେଷରେ ତିନିଥର ‘ଶାନ୍ତି’ ଉଚ୍ଚାରଣ କରୁଥିଲେ । ଏପରିକି ଶ୍ଳୋକ ଯର୍ଜୁବେଦର ଏକ ମନ୍ତ୍ର ଯାହା ପାଳଟିଛି ପୁନଶ୍ଚ ତୈତ୍ରୀୟ ଉପନିଷଦର ପ୍ରଥମ ଶ୍ଳୋକ : ‘ଓଁ ଶଂ ନୋ ମିତ୍ର, ଶଂ ନୋ ଇନ୍ଦ୍ରେ ବୃହସ୍ପତିଃ ...’ ଭଳି ଏହି ଦୀର୍ଘ ପ୍ରାର୍ଥନାରେ କୁହାଯାଇଛି – ‘ହେ ସୂର୍ଯ୍ୟ ଆମକୁ ଶାନ୍ତି ପ୍ରଦାନ କର, ଆମୁ ଶାନ୍ତି ଉପଲବ୍ଧ ହେଉ.... ।’ ଏଠାରେ କେହି ଭୁଲରେ ଭାବିବା ଉଚିତ ନୁହେଁ ଯେ ‘ଆର୍ଯ୍ୟ’ କହିଲେ କେବଳ ଭାରତୀୟଙ୍କୁ ବୁଝାଏ; ଆର୍ଯ୍ୟ ଶବ୍ଦର ଅର୍ଥ ହେଉଛି – ‘ଭଦ୍ର, ଶିଷ୍ଟ, ସମ୍ଭ୍ରାନ୍ତ’ । ଲିଓ ଟଲଷ୍ଟୟ, ଆଇନଷ୍ଟାଇନ, ଜର୍ଜ ବର୍ଣ୍ଣାଡ଼ ଶ’ଙ୍କ ଠାରୁ କ’ଣ ଆଜିର କୌଣସି ଭାରତୀୟ ଅଧିକ ଶିଷ୍ଟ, ପ୍ରାଜ୍ଞ ଓ ଦରଦୀ କି ? ସେଥିପାଇଁ ଆମର ଋଷିମାନେ କହିଥିଲେ ଯେ : ‘ବସୁଧୈବ କୁଟୁମ୍ବକମ୍’ – ସମଗ୍ର ବସୁଧା ହେଉଛି ଆମର କୁଟୁମ୍ବ ବା ଗୋଟିଏ ପରିବାର । ଆଜି ପ୍ରତି ପରିବାର ଭାଙ୍ଗିପଡୁଛି, ଗୋଟିଏ ବାପ ମା’ଙ୍କ ଠାରୁ ଜନ୍ମିତ ସନ୍ତାନମାନେ ବହୁଧା ପରିବାରରେ ବିଭକ୍ତ । ପରିବାର ବିଖଣ୍ଡିତ ଏବଂ ପ୍ରତିଟି ସଂସାର ଅଶାନ୍ତ । ପ୍ରତିଟି ଜୀବନ ଅସ୍ଥିର, ବିକ୍ଷୁବ୍ଧ । ଘରେ, କର୍ମସ୍ଥଳୀରେ, ସାମାଜିକ ଜୀବନରେ, ଦେଶର ପ୍ରଶାସନରେ କେଉଁଠି ହେଲେ ଶାନ୍ତି ନାହିଁ; ଏପରିକି ନିଜ ମନ ହୋଇ ଉଠିଛି ଅଶାନ୍ତ, ଅସ୍ଥିର, ଆନ୍ଦୋଳିତ । ସୁଦୂର ଅତୀତରେ ବୈଦିକ ଋଷିଗଣ ଭବିଷ୍ୟତ ସମାଜରେ ଏପରି ଅଶାନ୍ତ ପରିସ୍ଥିତି ଉପୁଜିବ ଜାଣି ପ୍ରତି ମନ୍ତ୍ର ଶେଷରେ ତିନିଥର ‘ଶାନ୍ତି’ ସଂଯୋଗ କରିଥିଲେ – ପ୍ରଥମ ‘ଶାନ୍ତି’ ନିଜ ଜୀବନ ପାଇଁ ଉଦ୍ଦିଷ୍ଟ ଥିଲା । ଦ୍ୱିତୀୟ ଶାନ୍ତି ପରିପାର୍ଶ୍ୱର ବାତାବରଣ ପାଇଁ ଏବଂ ତୃତୀୟ ଶାନ୍ତି ସମଗ୍ର ବିଶ୍ୱ ପାଇଁ ଉଦ୍ଦିଷ୍ଟ ଥିଲା । ସେଥିପାଇଁ ଭାରତବର୍ଷକୁ ବାରମ୍ବାର ମୋଗଲ, ହୁନ୍, ଗ୍ରୀକ୍, ବ୍ରିଟିଶ ଭଳି ବହୁ ବୈଦେଶିକ ଶକ୍ତି ଆକ୍ରମଣ କରିଥିଲେ ବି ଭାରତ କେବେ କାହାକୁ ଆକ୍ରମଣ କରିବାକୁ ବାହାରକୁ ଗୋଡ଼ କାଢ଼ିନାହିଁ । ବାରମ୍ବାର ଆକ୍ରମଣରେ ଲୁଣ୍ଠିତ, ନିଃଶେଷିତ ହୋଇଛି, ମାତ୍ର କାହାରିକୁ ଆକ୍ରମଣ କରିନାହିଁ । ବରଂ ଅନ୍ୟ ଦେଶରୁ ବିତାଡ଼ିତ ପାର୍ସୀ, ଇହୁଦୀ, ତିବ୍ବତୀୟ, ବଙ୍ଗଳାଦେଶୀ ଭଳି ବହୁ ନିରାଶ୍ରୟଙ୍କୁ ନିଜ କୋଳରେ ଆଶ୍ରୟ ଦେଇଛି । ଏପରି ସହନଶୀଳତା, ଉଦାରତା କୌଣସି ଦୁର୍ବଳତା ନୁହେଁ । ଏସବୁ ଚିରସ୍ଥାୟୀ ଶାନ୍ତିର ଉତ୍ସରୁ ଜାତ ମହାନ ମାନବିକତା । ମଣିଷ ପରିବ୍ୟାପ୍ତ, ଶ୍ରଦ୍ଧାଶୀଳ, ସମ୍ବେଦୀ ହେଲେ ଯାଇ ମନରେ ଶାନ୍ତି ଜାଗ୍ରତ ଓ ପ୍ରତିଷ୍ଠିତ ହେବ । ସଂକୀର୍ଣ୍ଣ, ସନ୍ଦେହୀ ସ୍ୱାର୍ଥୀ ହୋଇପଡ଼ିଲେ ଶାନ୍ତି ଉଭେଇ ଯିବ । ପୁଣି ଭାରତବର୍ଷ ନେବ ବିଶ୍ୱ ଆଧ୍ୟାତ୍ମିକ ନେତୃତ୍ୱ ବୋଲି ଭବିଷ୍ୟବାଣୀ କରିଯାଇଛନ୍ତି ସ୍ୱାମୀ ବିବେକାନନ୍ଦ ଓ ମହାଯୋଗୀ ଶ୍ରୀ ଅରବିନ୍ଦ ।

ଜଣଙ୍କ ହୃଦୟ ଓ ମନରେ ଶ୍ରଦ୍ଧା, ସହନଶୀଳତା ଓ ସମ୍ବେଦନ ଜାତ କରାଏ ଜ୍ଞାନ ବା ପ୍ରଜ୍ଞା । ଭଗବତ୍‌ଗୀତାରେ ଯଥାର୍ଥରେ କୁହାଯାଇଛି ; ‘‘ଶ୍ରଦ୍ଧାବାନ ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ । ଜ୍ଞାନଂ ଲବଧ୍ୱ ପରାଂ ଶାନ୍ତିଂ ମଚିରେଣାଧି ଗଚ୍ଛତି ।’’ ଯାହାର ବିଶ୍ୱାସ ରହିଛି, ଯିଏ ଇନ୍ଦ୍ରିୟ ସମସ୍ତ ଓ ମନକୁ ସଂଯତ କରିପାରିଛି ସିଏ ଜ୍ଞାନ ଲାଭ କରିପାରିବ । ଜ୍ଞାନ ପ୍ରାପ୍ତିରୁ ସେ ଦ୍ରୁତ ଗତିରେ ପରମ ଶାନ୍ତି ଆଡ଼କୁ ଧାବିତ ହୁଏ ।

ଆଜି ଅଧିକାଂଶ ମଣିଷ ବ୍ୟକ୍ତିଗତ ଜୀବନରେ କି ସାଂସାରିକ, ସାମାଜିକ ଜୀବନରେ ଶାନ୍ତି ପାଉନଥିବାର ଅର୍ଥ ହେଉଛି ସେମାନେ ଜ୍ଞାନଲାଭ କରିନାହାନ୍ତି । ଯାହାକୁ ଜ୍ଞାନ ବୋଲି ଆଜିକାଲି କୁହାଯାଉଛି ସେସବୁ ହେଲା ସାର୍ଟିଫିକେଟ ପ୍ରାପ୍ତି । ସାର୍ଟିଫିକେଟ ପ୍ରଦର୍ଶିତ କରି କିଛି ପଦପଦବୀ ପାଇ ପ୍ରତିବଦଳରେ ମାସିକ କିଛି ବିତ୍ତ ବା କରେନ୍‌ସି ନୋଟ୍ ଗୁଡ଼ିକୁ ବେତନ ଆକାରରେ ହାସଲ କରି ଗୋଟିଏ ବିଶାଳ ଅଣ ଉତ୍ପାଦକ ଶ୍ରେଣୀ କିଣିଖିଆ ପାଲଟି ବିତ୍ତ – ଉନ୍ମାଦଗ୍ରସ୍ତ ହୋଇ ରହିଛି ଏବଂ ନିଜକୁ ଭାରତି ଗୋଟାଏ ଜ୍ଞାନୀର ମୋହର ମାରି ଛଇ ଦେଖାଇ ହେଉଛି । ଏମାନଙ୍କର ନିଜସ୍ୱ କୌଣସି ଉପଲବ୍ଧି ନାହିଁ । କିଛି ପ୍ରସ୍ତାବିତ ବହି ପଢ଼ି, ନିର୍ଦ୍ଧାରିତ ଅବଧିରେ ଗୋଟାଏ ଦୁଇଘଣ୍ଟିଆ ପରୀକ୍ଷାରେ ଘୋଷା ପାଠର ନିର୍ବାଚିତ ଉତ୍ତର କେଇ ଧାଡ଼ି ଲେଖି ପକାଇ, ତଦ୍ରୁପ ସ୍ୱଚ୍ଛ ବିଦ୍ୟାଧାରୀ ଉପାଧି ବ୍ୟାଧି ପୀଡ଼ିତ ‘ଭୂଷିପଣ୍ଡିତ’ଙ୍କ ଦ୍ୱାରା ଉତ୍ତୀର୍ଣ୍ଣ ହୋଇଥିବାର ମୋହରାଙ୍କିତ ଗୋଟାଏ ମୋଟା କାଗଜକୁ ‘ପ୍ରମାଣପତ୍ର’ କହି ତଥା ସାରା ଜୀବନ ଆପଣା ମୁହଁରେ ଆପଣାର ଗୌରଚନ୍ଦ୍ରିକା ଗାଇ, ଫିରିଙ୍ଗୀୟ ଭାଷାରେ କେହି ଲେଖି ପାରୁଥିବାର ଆତ୍ମଶ୍ଳାଘାରେ ଆକ୍ରାନ୍ତ ହୋଇ, ଅନ୍ୟର ହୁକୁମ ମାନି ତଥା ତୋଷାମଦିରେ ଅର୍ଜିତ ବ୍ୟାଙ୍କ – ମୋହରମରା ଚିତ୍ରିତ କିଛି କାଗଜକୁ ବିତ୍ତ କହି ପ୍ରୀତି ହେଉଥିବା କିଣିଖିଆମାନେ ସତରେ କ’ଣ କୌଣସି ଜ୍ଞାନ, ଲାଭର ପ୍ରଚେଷ୍ଟା କରିଛନ୍ତି । ଅନ୍ୟର ଉପଲବ୍ଧିର ଲିପିବଦ୍ଧ ପୁସ୍ତକଗତ ସମ୍ପୃକ୍ତ ବ୍ୟକ୍ତିଙ୍କର ଜ୍ଞାନ, ତାକୁ ପଢ଼ିପକାଇଥିବା କିମ୍ବା ଶୁଆ ପରି ଘୋଷିଥିବା ବ୍ୟକ୍ତିଟି କିପରି ପାଲଟିଲା ଜ୍ଞାନୀ । ତାଙ୍କର ନିଜସ୍ୱ ଉପଲବ୍ଧି କ’ଣ ? ଆଉ ଖବରକାଗଜରୁ ତଥ୍ୟଗୁଡ଼ିକ ହାସଲ କରିଥିବା ବ୍ୟକ୍ତି ଯଦି ନିଜର ଜ୍ଞାନୀ କହେ ତେବେ ତାହା ନିର୍ବୋଧତା ଓ ଆତ୍ମପ୍ରବଞ୍ଚନା ବ୍ୟତୀତ ଅନ୍ୟ କିଛି ନୁହେଁ । ଶ୍ରୀଅକ୍ଷର ବିବର୍ଜିତ ଅଥଚ କୃଷିକ୍ଷେତ୍ରରେ ନୂଆ ନୂଆ ଫସଲର ପରୀକ୍ଷା ଚଳାଇ ସାରା ସଂସାରକୁ ଆହାର ଯୋଗାଉଥିବା ନିର୍ଧନ ଚାଷୀଟିଏକୁ କିମ୍ବା ଅରଣ୍ୟ ଭିତରେ ଭେଷଜ ବୃକ୍ଷଙ୍କୁ ଚିହ୍ନି ତା’ର ଔଷଧୀୟ ପ୍ରୟୋଗରେ ଦୁରାରୋଗ୍ୟ ବ୍ୟାଧି ଉପଶମ କରୁଥିବା ନିରକ୍ଷର ବନବାସୀଟିକୁ ଆମେ ଜ୍ଞାନୀ ପର୍ଯ୍ୟାୟରେ ନା ଅଜ୍ଞାନୀରେ ନେବା ? ହାଇସ୍କୁଲ ପାଠ ଡେଇଁ ନଥିବା ରବି ଠାକୁରଙ୍କୁ କିମ୍ବା ସ୍କୁଲଘର ଦେଖିନଥିବା ରାମକୃଷ୍ଣ ପରମହଂସଙ୍କୁ ଆମେ ଜ୍ଞାନୀ କହି ପାରିବା ନା ନାହିଁ । ଏହି ସ୍ତରର ମଣିଷମାନେ କେବେ ମାନସିକ ଶାନ୍ତି ହରାଇ ନଥିଲେ, ବରଂ ଅଶାନ୍ତ ଅସ୍ଥିର ଉଦ୍‌ବିଗ୍ନ ବହୁ ଶିକ୍ଷିତ ମଣିଷ ଏମାନଙ୍କ ସଂସର୍ଗରେ ଆସିବା କ୍ଷଣି, ସେମାନଙ୍କ ପାଖରେ ବସି ପଡ଼ିବା ମାତ୍ରେ ତତ୍‌କ୍ଷଣାତ୍ ସ୍ୱତଃସ୍ଫୂର୍ତ୍ତ ଶାନ୍ତି ଲାଭ କରୁଥିଲେ ଏବଂ ସେହି କ୍ଷଣିକର ସଙ୍ଗଲାଭ ବଦଳାଇ ଦେଉଥିଲା ସେମାନଙ୍କ ଜୀବନର ମୋଡ଼ । ସେମାନେ ପାଲଟି ଯାଉଥିଲେ ଚର୍ଚ୍ଚିତ ମହାତ୍ମା କି ସନ୍ଥ । ସେମାନେ ବିତରି ପାରୁଥିଲେ ଅପୂର୍ବ ପ୍ରଶାନ୍ତି । ମହୁମାଛି ଫୁଲରେ ବସି ନଥିବା ଯାଏ ଗୁଞ୍ଜରଣ କରୁଥାଏ, ଥରେ ଫୁଲରୁ ରସ ଶୋଷିଲେ ସେ ନିରବିତ, ଶାନ୍ତ ହେବାକୁ ବାଧ୍ୟ । ଏହାର ଅନ୍ତରାଳର ରହସ୍ୟଟି କ’ଣ ? ଅତି ସରଳ କଥା । ସମୁଦ୍ର କୂଳରେ ଲହଡ଼ିମାନ ପିଟି ହେଉଥାଏ, ଉଦ୍‌ବେଳିତ ଭୟଙ୍କର ଲାଗୁଥାଏ । ମାତ୍ର ସମୁଦ୍ର ଆଭ୍ୟନ୍ତରକୁ ଚାଲିଗଲେ ସେଠାରେ ଢେଉ ନାହିଁ, ଗର୍ଜନ ନାହିଁ; ସମ୍ପୂର୍ଣ୍ଣ ପ୍ରଶାନ୍ତ । ସେହିପରି ଜୀବନର ବହିର୍ମୁଖୀ ଉପକୂଳକୁ ଛାଡ଼ି ଅନ୍ତରର ଗଭୀରତମ ଅଭ୍ୟନ୍ତରକୁ ଯିବାକୁ ହେବ । ଉଦ୍‌ବେଳନରୁ ମୁକ୍ତ ହୋଇଥିବା ଜୀବନର ସେଠାରେ ରହିଛି ନିଥର ନିବିଡ଼ତା, ପ୍ରଶାନ୍ତିର ସ୍ଥାୟୀ ସାମ୍ରାଜ୍ୟ । ସେଇ ଗଭୀରତାରେ ବୁଡ଼ ମାରିଲେ ବେଳେ ବେଳେ ମଳିଯାଏ ମୁକ୍ତା ଥିବା ଶାମୁକା । ସେ ଉଜ୍ଜ୍ୱଳ ମୁକ୍ତାର ଦର୍ପଣରେ ଦେଖିହୁଏ ମୁହଁର ପ୍ରତିବିମ୍ବ, ଅନୁଭବ କରିହୁଏ ମୁକ୍ତ ଜୀବନର ସ୍ୱାଦ ।

*ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,*
*ତୁଳସୀପୁର, କଟକ,*
*ଦୂରଭାଷ : ୯୪୩୭୪୫୦୧୧୪*

# ଈଶ୍ୱର ବିଶ୍ୱାସ


ଦେବଦତ୍ତ ବିଶ୍ୱାଳ

ଈଶ୍ୱରଙ୍କ ଉପରେ କିପରି ବିଶ୍ୱାସ କରିବା ? ଆମେ କ’ଣ ସତରେ ଈଶ୍ୱରଙ୍କୁ ଦେଖୁଛୁକି ? ଏହିପରି ଅନେକ ପ୍ରଶ୍ନ ଅନେକ ଲୋକମାନଙ୍କ ଭିତରେ ଆନ୍ଦୋଳିତ ହୋଇଥାଏ । ଏହି ପ୍ରସଙ୍ଗ ଭିତରୁ ଗୋଟିଏ ନିଷ୍କର୍ଷରେ ପହଞ୍ଚିବା ପାଇଁ ଗୋଟିଏ ଛୋଟିଆ ଆଲୋଚନାଟି ଏଠାରେ ରଖୁଛୁ । ଈଶ୍ୱରଙ୍କ ଉପରେ ଆସ୍ଥା ବା ବିଶ୍ୱାସର ଅର୍ଥ ହେଲା ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ଅସ୍ତିତ୍ୱକୁ ନିର୍ଦ୍ଧାରଣ କରୁଥିବା ଏକ ଐଶ୍ୱରୀଶକ୍ତିକୁ ସ୍ୱୀକାର କରି ସେହି ଅନୁସାରେ ନିଜ ଭୂମିକା ନିର୍ବାହ କରୁଛି ବୋଲି ବିଶ୍ୱାସ କରିବା । ଈଶ୍ୱରଙ୍କ ଉପରେ ଆସ୍ଥା ରଖିଲେ ଜୀବନ କିପରି ସାର୍ଥକ ହେବ ? ଏଠାରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ ବ୍ୟକ୍ତିଗତ ସ୍ତରରେ କୌଣସି ଜଟିଳ ସମସ୍ୟା, ପ୍ରତିବନ୍ଧକ ଥିବାରୁ ଆସ୍ଥା ରଖିବାକୁ ବାଧ୍ୟ ହେଉଛି, ଏଭଳି ଧାରଣା ରଖିବା ଉଚିତ ନୁହେଁ । ଆସ୍ଥାର ଅର୍ଥ ହେଲା ସର୍ବୋତ୍ତମ ପ୍ରୟାସ । ଏହାର ଅର୍ଥ ଏପରି ହୋଇପାରେ ଯେ ଆମେ ଯେପରି ବୁଝିବା ସେପରି ଅମଳ କରିବା । ଏହି ଭାବନାରେ ବଶବର୍ତ୍ତୀ ହୋଇ ପ୍ରକୃତି ସହ ତାଳମେଳ ରଖି ସର୍ବୋତ୍ତମ କାର୍ଯ୍ୟ କରିବାକୁ ହେବ । ଏହାଦ୍ୱାରା ସର୍ବୋତ୍ତମ ପ୍ରଦର୍ଶନ ଜୀବନର ଆଧାର ଶିଳା ହୋଇଯାଏ ଓ ଏଥିରୁ ଅଫୁରନ୍ତ ଆନନ୍ଦ ମିଳିଥାଏ । ଏହି ବିଶ୍ୱାସ ପୋଷଣ କରିବାକୁ ହେବ ଯେ ପ୍ରକୃତିର ନିୟମ ଅନୁରୂପ ସଠିକ୍ ପ୍ରୟାସର ପରିଣାମ ସର୍ବୋତ୍ତମ ହିଁ ହେବ । ସର୍ବୋତ୍ତମ ମାର୍ଗରେ ଯାଇ ଯଦିବା ଅପଖ୍ୟାତି ମିଳେ ତେବେ ଏହାକୁ ସାଧାରଣ ଭାବରେ ଗ୍ରହଣ କରିନେଲେ ମନରେ କୌଣସି ଭାବାନ୍ତର ସୃଷ୍ଟି କରେନାହିଁ । ଈଶ୍ୱରଙ୍କ ପ୍ରତି ଥିବା ଆସ୍ଥା, ବିଶ୍ୱାସ ବା ଦୃଷ୍ଟିକୋଣ ପ୍ରତିକୂଳ ପରିସ୍ଥିତିରେ ଅତୁଟ ରଖିବା ଆବଶ୍ୟକ । ସୃଷ୍ଟି ରହସ୍ୟରେ ସବୁ ପ୍ରତିକୂଳ ପରିସ୍ଥିତି, ପରିବେଶ ଭିତରେ ଈଶ୍ୱରଙ୍କ ଉପରେ ଆସ୍ଥାର ପରୀକ୍ଷା ହୋଇଥାଏ । ଏଭଳି ପ୍ରତିକୂଳ ପରିସ୍ଥିତିକୁ ଜୀବନର ଦୀର୍ଘ ଯାତ୍ରାପଥରେ ଏକ ଅସ୍ଥାୟୀ ପ୍ରକ୍ରିୟା ବୋଲି ଧରିନେବାକୁ ହେବ ।

ଈଶ୍ୱରଙ୍କ ଉପରେ ଆସ୍ଥା ଥିବା ବ୍ୟକ୍ତି ଜୀବନକୁ ବ୍ୟାପକ ରୂପେ ଦେଖିଥାଏ । ତା’ର ଦୃଷ୍ଟିଭଙ୍ଗୀ ଜୀବନର ଅନ୍ତିମ ଲକ୍ଷ୍ୟ ଉପରେ ଥାଏ ଯାହା ତା’କୁ ଶୀର୍ଷ ସ୍ଥାନକୁ ନେଇଯିବାରେ ସହାୟକ ହୋଇଥାଏ । ଈଶ୍ୱରଙ୍କ ଉପରେ ଅତୁଟ ବିଶ୍ୱାସ ବ୍ୟକ୍ତିକୁ ତାଙ୍କର ନିକଟବର୍ତ୍ତୀ କରାଇଥାଏ । ଏହାଦ୍ୱାରା ବ୍ୟକ୍ତି ନିଜକୁ ପ୍ରକୃତିର ଅଙ୍ଗ ଭାବେ ମଣିଥାଏ । ପ୍ରକୃତି ଈଶ୍ୱର ସୃଷ୍ଟି ଓ ମଣିଷ ଈଶ୍ୱରଙ୍କ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ବିଭିନ୍ନ ଋତୁ ଏକ ନିର୍ଦ୍ଦିଷ୍ଟ ସମୟରେ ଆସିଥାଏ, ବୃକ୍ଷ ଏକ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ବଢ଼ିଥାଏ, ଦିନରାତି ବିନା ପରିବର୍ତ୍ତନରେ ଆସିଥାଏ – ଏହି ପ୍ରକାରେ ପ୍ରକୃତିର ପ୍ରତିଟି ନିୟମ ସଂଚାଳିତ ହେଉଅଛି । ଏହି ଉପାୟରେ ସମଗ୍ର ବିଶ୍ୱ ପ୍ରଶାସନ ଚାଲିଛି । ଯେମିତି କୌଣସି ଦେଶ, ପ୍ରାନ୍ତ ଅଥବା ଜିଲ୍ଲା ପ୍ରଶାସନ ସରକାରଙ୍କ ଦ୍ୱାରା ପରିଚାଳିତ ହୋଇଥାଏ ଠିକ୍ ସେହିପରି ସମଗ୍ର ପ୍ରକୃତିର ପ୍ରଶାସନ ଈଶ୍ୱର ରୂପୀ ସରକାରଙ୍କ ଦ୍ୱାରା ସଞ୍ଚାଳିତ ହୋଇଥାଏ, ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ପ୍ରାକୃତିକ ନିୟମ ଆମକୁ ଠିକ୍ ଠିକ୍ ପାଳନ କରିବାକୁ ହେବ । ଏହା ନହେଲେ ବହୁ ବିପଦର ସମ୍ଭାବନା ଅଛି । ଜୀବନକୁ ସୁଶୃଙ୍ଖଳିତ ତଥା ସର୍ବୋତ୍ତମ କରିବାକୁ ହେଲେ ଈଶ୍ୱରଙ୍କ ଉପରେ ଦୃଢ଼ ଆସ୍ଥା ରଖି ସ୍ଥିତଧି ହୋଇ ଜୀବନ ପଥରେ ଗତି କରିବାକୁ ହେବ ।

*ରାମନିଗମେଶ୍ୱର ମନ୍ଦିର,*
*ଚହଟା, କଟକ,*
*ଦୂରଭାଷ : ୯୮୬୧୯୪୪୫୯୪*

# ଓଡ଼ିଶା କୃଷି ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ସମନ୍ୱୟ ଓ ନିଷ୍ଠାପର ଉଦ୍ୟମ ଆବଶ୍ୟକ


ଇଂ. ସମ୍ୱିତ ସାଇନାରାୟଣ ଭୂୟାଁ

କୃଷି କେବଳ ଆମର ପେଟପାଟଣା କଥା ନୁହେଁ, ଏହା ଆମ ଆର୍ଥିକ ଓ ସାମାଜିକ ଜୀବନର ମୂଳପିଣ୍ଡ। ଶିଳ୍ପ ଓ ସେବାକ୍ଷେତ୍ରର ପରିସର ବୃଦ୍ଧି ସତ୍ତ୍ୱେ ଓଡ଼ିଶାରେ ଏବେ ମଧ୍ୟ କୃଷି ଓ ତତ୍ ସଂଲଗ୍ନ କ୍ଷେତ୍ର ଏକ ଯୌଗିକ ବେଉସା ଭାବେ ସର୍ବାଧିକ ପ୍ରାୟ ୬୫% ଲୋକଙ୍କୁ କର୍ମ ସଂସ୍ଥାନ ଯୋଗାଇ ଦେଉଛି। ଆମ ଜିଡିପିକୁ ଏହାର ଅବଦାନ ପ୍ରାୟ ୨୨%। ସେବା ୪୨% ଓ ଶିଳ୍ପ ୩୬% ଅଭିବୃଦ୍ଧି ଦେଉଥିବାବେଳେ କୃଷି କ୍ଷେତ୍ରରେ ଏତେ ଅଧିକ ଲୋକ ନିଯୁକ୍ତି ସତ୍ତ୍ୱେ ଜିଡିପିକୁ କମ ଅବଦାନର କାରଣ ହେଲା ଏହା ବିଶେଷ ଲାଭଜନକ ଏ ଯାଏଁ ହୋଇପାରିନାହିଁ। ଆହୁରି ମଧ୍ୟ ଅଧିକାଂଶ ଲୋକ ନିଜର ଖାଦ୍ୟଶସ୍ୟ ଓ ତତ୍‌ଜନିତ ଆବଶ୍ୟକତା ପୂରଣ କରିବାକୁ ଚାଷବାସ, ଗୋପାଳନ, ମାଛଚାଷ ଏବଂ କୁକୁଡ଼ା ପାଳନ ଆଦି ବେଉସା କରନ୍ତି। ତେଣୁ ଆନୁପାତିକ ଭାବେ ଏଥିରୁ ଲାଭ କମ ଆସେ। ସେଥିରେ ପୁଣି ପ୍ରାକୃତିକ ବିପତ୍ତି ଏକ ନିୟମିତ ଘଟଣା। ତେବେ ସେ ଯା’ହେଉ ବିଗତ ଦୁଇ ଦଶନ୍ଧି ମଧ୍ୟରେ ଓଡ଼ିଶାରେ କୃଷିରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି। ଏକ ଖାଦ୍ୟାଭାବ ରାଜ୍ୟରୁ ଆମେ ଏବେ ଖାଦ୍ୟ ଶସ୍ୟ କ୍ଷେତ୍ରରେ ବଳକା ରାଜ୍ୟରେ ପରିଣତ ହୋଇପାରିଛୁ। ଦାଣ୍ଡରୁ ଆସେ ହାଣିରେ ପଶେ ଅବସ୍ଥା ଆଉ ନାହିଁ। ଏହି ସଫଳତା ପଛରେ ରହିଛି ଓଡ଼ିଶା ସରକାରଙ୍କର ନିରବଚ୍ଛିନ୍ନ ପ୍ରୟାସ। ଚାଷ ଜମିକୁ ଜଳସେଚନ ସୁବିଧା ବୃଦ୍ଧି, ନୂଆ କୃଷିନୀତି ଦ୍ୱାରା ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ, ବିଭିନ୍ନ ପ୍ରକାର ଫସଲ ଚାଷ, ଅଣଧାନ୍ୟ ଫସଲ ଚାଷକୁ ପ୍ରୋତ୍ସାହନ, କୃଷି ସହିତ ସମ୍ପୃକ୍ତ ଉଦ୍ୟାନ କୃଷି, ମାଛଚାଷ, ଗୋପାଳନ ଓ ଛେଳି, ମେଣ୍ଢା, କୁକୁଡ଼ା, ବତକ ପାଳନ ଆଦି କାର୍ଯ୍ୟକୁ ଓଡ଼ିଶା ସରକାର ପ୍ରୋତ୍ସାହିତ କରି ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ମାଧ୍ୟମରେ ଚାଷୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ପ୍ରଦାନ କରାଯାଉଛି। ତେଣୁ ଏସବୁ ନାନାବିଧ ଉଦ୍ୟମ ଓ ଯୋଜନାର ସୁଫଳ ଯେ ମିଳିଛି ତାହାକୁ ଅସ୍ୱୀକାର କରିହେବନାହିଁ ।କରୋନା ମହାମାରୀର ପ୍ରଭାବ ଓଡ଼ିଶାର କୃଷିକ୍ଷେତ୍ରକୁ ପ୍ରଭାବିତ କରିଥିଲା। ଏହା ଫଳରେ ୨୦୨୦-୨୧ ଦୁଇ ବର୍ଷ ମଧ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ୬.୫୪% ସଂକୁଚିତ ହୋଇଥିଲା। ଏବେ ମହାମାରୀର ପ୍ରଭାବ ନାହିଁ। ସବୁ କ୍ଷେତ୍ର ସ୍ୱାଭାବିକ ତେଣୁ କୃଷିକ୍ଷେତ୍ରର ଅଭିବୃଦ୍ଧି ହାର ବଢ଼ାଇବାକୁ ରାଜ୍ୟ ସରକାର ତତ୍ପର। ନିକଟରେ କୃଷି ବିଭାଗର ନବନିଯୁକ୍ତ କର୍ମଚାରୀମାନଙ୍କୁ ଉଦବୋଧନ ଦେବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ଏହି କ୍ଷେତ୍ର ସର୍ବାଧିକ ଲୋକଙ୍କୁ ନିଯୁକ୍ତି ଦେଉଥିବାରୁ ଏହାର ବିକାଶ ଉପରେ ତାଙ୍କ ସରକାର ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି। ସାମାଜିକ ଆର୍ଥିକ ବିକାଶରେ କୃଷିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏଥିପାଇଁ ସରକାର ସବୁମତେ ଉଦ୍ୟକ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ଯଥାର୍ଥ ଏବଂ ସେ ଏହି କ୍ଷେତ୍ରର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଭଲ ଭାବେ ବୁଝିଥିବା ସ୍ପଷ୍ଟ । ସେଥିପାଇଁ ତ ସରକାର କୃଷି କ୍ଷେତ୍ରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ହସ୍ତକ୍ଷେପ କରି ଏହାର ପ୍ରଗତି ପାଇଁ କାର୍ଯ୍ୟ କରୁଛନ୍ତି। ବସ୍ତୁତଃ, ସମାବେଶୀ ଓ ପ୍ରଗତିଶୀଳ ରାଜ୍ୟ କୃଷି ନୀତି ତାହାର ସ୍ୱତନ୍ତ୍ର ଉଦାହରଣ। ନୂଆ ପ୍ରୟାସରେ ନୂତନ ଓ ଅତିରିକ୍ତ ଲୋକବଳର ଆବଶ୍ୟକତା ରହିଛି । ଏହି ଲୋକଶକ୍ତି ନିଷ୍ଠାର ସହ କାର୍ଯ୍ୟକଲେ କୃଷି କ୍ଷେତ୍ରର ଉନ୍ନତି ନିଶ୍ଚିତ ସମ୍ଭବ। କାଳିଆ ଯୋଜନା ଠାରୁ ଆରମ୍ଭ କରି ବିହନ ମିଶନ ଓ ଧାନ ସଂଗ୍ରହ ଆଦି କାର୍ଯ୍ୟରେ ପ୍ରତ୍ୟେକ କୃଷିଜୀବୀଙ୍କୁ ଉପକୃତ କରିବାକୁ ସରକାର ପ୍ରୟାସ କରୁଛନ୍ତି। ସର୍ବୋପରି କୃଷିକୁ ୫-ଟି ଓ ମୋ ସରକାର ଯୋଜନାର ଅନ୍ତର୍ଭୁକ୍ତ କରାଯାଇଛି । କୃଷିକ୍ଷେତ୍ରରେ ଟେକନୋଲୋଜିର ପ୍ରୟୋଗ ସହିତ ଚାଷକୁ ଅଧିକ ସରଳ ଓ ସହଜ କରିବାକୁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି।

ସତକଥା କହିବାକୁ ଗଲେ ଓଡ଼ିଶା କୃଷି ଆଉ ପୂର୍ବଭଳି ଦୟନୀୟ ଅବସ୍ଥାରେ ନାହିଁ। ରାଜ୍ୟ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ହୋଇଛି। ଦୁଗ୍ଧ, ମାଛ, ମାଂସ, ଅଣ୍ଡା, କାଜୁ ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଫସଲରେ ଅଗ୍ରଣୀ ରହିଛି। ଏହାସତ୍ତ୍ୱେ ଏ କ୍ଷେତ୍ରରେ ଆହୁରି ଅନେକ କିଛି ସମସ୍ୟା ରହିଛି। ସେଥିରୁ ପ୍ରଥମଟି ହେଲା ଚାଷବାସ କ୍ଷେତ୍ରରେ ଆବଶ୍ୟକତା ଠାରୁ ଅଧିକ ଲୋକ ରହିଛନ୍ତି। ସେମାନଙ୍କୁ ଅନ୍ୟତ୍ର ବିକଳ୍ପ ଓ ଯଥାର୍ଥ ରୋଜଗାର ସୁବିଧା ଯୋଗାଇବାକୁ ପଡ଼ିବ। ଦ୍ୱିତୀୟ କଥା ହେଲା ଧାନଚାଷ ପରିମାଣ କମାଇ, ସେ ଜମିରୁ ତୈଳବୀଜ, ପନିପରିବା ସମେତ ଅନ୍ୟାନ୍ୟ ଅର୍ଥକାରୀ ଫସଲ ଅଧିକରୁ ଅଧିକ ଉତ୍ପାଦନ କରିବାକୁ ହେବ। ରାଜ୍ୟ ସରକାର ଏ କ୍ଷେତ୍ରରେ ଅବଶ୍ୟ କିଛି ପଦକ୍ଷେପ ଆରମ୍ଭ କରି ଅଣଧାନ୍ୟ ଫସଲ ଚାଷକୁ ଉତ୍ସାହିତ କରୁଛନ୍ତି। ତୃତୀୟ କଥାଟି ହେଲା ଗ୍ରାମାଞ୍ଚଳରେ ସମବାୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ କୃଷିଜାତ ଦ୍ରବ୍ୟର ସଂଗ୍ରହ ଓ ବିପଣନକୁ ଅଧିକ ସୁସଂହତ କରିବାକୁ ହେବ ଏବଂ ଖାଦ୍ୟ ଶସ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗକୁ ଅଧିକ ପ୍ରୋତ୍ସାହିତ କରିବାକୁ ପଡ଼ିବ। ଚାଷୀ ଯେପରି ଠିକ୍ ସମୟରେ ସାର, କୀଟନାଶକ ଓ ବିହନ ପାଆନ୍ତି, ସେ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ। ସର୍ବୋପରି କୃଷି ବିଭାଗର କ୍ଷେତ୍ରସ୍ତରରେ କର୍ମଚାରୀ ଅଭାବ ରହିଛି। ଫଳରେ ଚାଷୀ ଉପଯୁକ୍ତ ପରାମର୍ଶ ଓ ଦିଗଦର୍ଶନ ପାଉନାହାନ୍ତି। ସେଥିପ୍ରତି ସରକାରଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରିବାକୁ ପଡ଼ିବ। ସରକାର କୃଷିକ୍ଷେତ୍ରକୁ ସ୍ୱତନ୍ତ୍ର ଗୁରୁତ୍ୱ ଦେଉଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ଅର୍ଥ ସମଗ୍ର ବିଭାଗ ଏହାର ଗୁରୁତ୍ୱକୁ ଅନୁଭବ କରୁଥିବେ ନିଶ୍ଚୟ। ତେଣୁ ତାଙ୍କ ଲକ୍ଷ୍ୟ ପୂରଣ କରିବା ଦିଗରେ ସମ୍ପୃକ୍ତ ବିଭାଗ ସଫଳ ହେବ ବୋଲି ଆଶା କରିବା ସ୍ୱାଭାବିକ। ରାଜ୍ୟର ଅର୍ଥ ବିଭାଗ ଭଲ କାମ କରୁଛି। ଏବେ ଅର୍ଥର ଅଭାବ ସରକାରଙ୍କର ନାହିଁ। ତେଣୁ ଯେଉଁସବୁ ଅଗ୍ରାଧିକାର କ୍ଷେତ୍ର ଅଧିକ କର୍ମଚାରୀ, ସମ୍ବଳ ଓ ରାଜକୃପା ମାଗୁଛି, ତାହାକୁ ପୂରଣ କରାଯିବା ଉଚିତ।

ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୧୮୬୫୪୩୧




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ପାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ବିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶୃତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଲିଜଧାରୀ ନିୟମ ବହିର୍ଭୂତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି। ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି।

# ବିଏମ୍‌ସି ମେୟର ଭାବେ ଶପଥ ନେଲେ ସୁଲୋଚନା ଦାସ

ଭୁବନେଶ୍ୱର, (ପି.ଏନ) ଶ୍ରୀମତୀ ସୁଲୋଚନା ଦାସ ଶନିବାର ଦିନ ଭୁବନେଶ୍ୱର ମହାନଗର ନିଗମର ମେୟର ଭାବେ ଶପଥ ଗ୍ରହଣ କରିଛନ୍ତି। ସେ ହେଉଛନ୍ତି ବିଏମସିର ପ୍ରଥମ ମହିଳା ମେୟର। ବିଏମ୍‌ସି କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ବିଭାଗର ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ ତାଙ୍କୁ ଶପଥ ପାଠ କରାଇଛନ୍ତି।ଶପଥ ଗ୍ରହଣ କରିବା ପରେ ସୁଲୋଚନା ଦାସ ରାଜଧାନୀବାସୀଙ୍କୁ ଧନ୍ୟବାଦ ଦେବା ସହ ଭୁବନେଶ୍ୱରର ବିକାଶ ତାଙ୍କର ଲକ୍ଷ୍ୟ ବୋଲି କହିଛନ୍ତି। ଟିମୱାର୍କ ଜରିଆରେ ରାଜଧାନୀର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରକୁ ବିଶ୍ୱସ୍ତରୀୟ କରିବାକୁ ଯେଉଁ ସ୍ୱପ୍ନ ଦେଖିଛନ୍ତି, ସେଭଳି ଭୁବନେଶ୍ୱରଟିଏ ତିଆରି ହେଲେ ହିଁ ସମସ୍ତଙ୍କର ସ୍ୱପ୍ନ ପୂରଣ ହେବ ବୋଲି ସୁଲୋଚନା ଦାସ କହିଛନ୍ତି।ସେ ଆହୁରି କହିଛନ୍ତି ଯେ ରାଜଧାନୀର ସାଢେ ୧୧ ଲକ୍ଷ ଲୋକ ଆମ ପରିବାର। ଶେଷ ଲୋକ ପର୍ଯ୍ୟନ୍ତ କିଭଳି ଆମ ଯୋଜନା ପହଞ୍ଚିବ ସେଥିପାଇଁ କାମ କରିବୁ। ସ୍ମାର୍ଟ ସିଟିରେ ନଂ-୧ ଯେଭଳି ବଜାୟ ରହିବ ବୋଲି ସେ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ଭୁବନେଶ୍ୱରରେ ଅନେକ ଐତିହାସିକ କିର୍ତ୍ତୀରାଜି ରହିଛି। ସେଗୁଡିକର କିଭଳି ରକ୍ଷଣବେକ୍ଷଣ କରିହେବ ସେନେଇ କାମ କରିବୁ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ବିକାଶ ନେଇ ଯେଉଁ ପଦକ୍ଷେପ ନେଇଛନ୍ତି। ତାକୁ ଗୁରୁତ୍ୱ ଦେଇ ସବୁବେଳେ କାମ କରିବୁ ବୋଲି ସେ କହିଛନ୍ତି।

# ଗୁଣାତ୍ମକ ଶିକ୍ଷା ପ୍ରଣାଳୀର ପୁନରୁଦ୍ଧାର ପ୍ରୟୋଜନ

ଭୁବନେଶ୍ୱର(ପିଏନ)- ଭାରତ ବର୍ଷର ପ୍ରାଚୀନ ଗୁରୁକୁଳ ଶିକ୍ଷା ପରମ୍ପରା ଖୁବ ମହାନ ଓ ମହିମାମୟ ଥିଲା ବୋଲି ଓଡିଶା ବିଧାନ ସଭା ର ବାଚସ୍ପତି ଡ଼. ସୂର୍ଯ୍ୟନାରାୟଣ ପାତ୍ର ମତ ପ୍ରକାଶ କରିଛନ୍ତି। ଏହି ଗୁଣାତ୍ମକ ଏବଂ ଗୌରବାନ୍ୱିତ ଶିକ୍ଷା ପଦ୍ଧତି ର ପୁନରୁଦ୍ଧାର ସାମ୍ପ୍ରତିକ ଯୁଗରେ ଖୁବ ପ୍ରାସଙ୍ଗିକ ଓ ବାସ୍ତବିକ ବୋଧ ହେଉଥିବା ଡ଼.ପାତ୍ର ସୁଚାଇଛନ୍ତି। ଭୁବନେଶ୍ୱରର ନୂଆପଲ୍ଲୀ ଠାରେ ଏସାର ସିଷ୍ଟମ୍ସ ଏବଂ ଗୁରୁକୁଳ ଅନଲାଇନ ଶିକ୍ଷା ବ୍ୟବସ୍ଥାର ଭାରତ କାର୍ଯ୍ୟାଳୟ ଓ ଆନ୍ତର୍ଜାତିକ ମୁଖ୍ୟାଳୟ ର ଭରଚୁଆଲ ଶୁଭ ଉଦଘାଟନ କରି ଡ଼.ପାତ୍ର ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀର ନୈତିକ ,ବୈଷୟିକ ,ପ୍ରଯୁକ୍ତିଗତ ଓ ବ୍ୟବହାରିକ ମାନ ବୃଦ୍ଧି କରିବାରେ ଏସାର -ଗୁରୁକୁଳ ନିଶ୍ଚିତ ଭାବେ ସକ୍ଷମ ହେବ ବୋଲି ଆଶା ପ୍ରକାଶ କରିଥିଲେ।

ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କର ଇଲେକ୍‌ଟ୍ରୋନିକ୍ସ , ପ୍ରଯୁକ୍ତି ବିଦ୍ୟା , କ୍ରୀଡା ,ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଫିତା କାଟି ଗୃହ ପ୍ରବେଶ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅବସରରେ ଆୟୋଜିତ ଏକ ଆନ୍ତର୍ଜାତୀକ ୱେବିନାରକୁ ସମ୍ବୋଧନ କରି ଶ୍ରୀ ବେହେରା ସାରା ବିଶ୍ୱରେ ଓଡ଼ିଆ ଭାଷା ର ପ୍ରଚାର , ପ୍ରସାର ଏବଂ ଏହାକୁ ଲୋକପ୍ରିୟ କରିବା ପାଇଁ ଏସାର - ଗୁରୁକୁଳ ଯେପରି ମାଗଣା ଅନ ଲାଇନ ଶିକ୍ଷା ପ୍ରଦାନର ପ୍ରକ୍ରିୟା ପ୍ରାରମ୍ଭ କରିବାକୁ ଯାଉଛି , ତାର ଭ ?ୟସୀ ପ୍ରସଂଶା କରିଥିଲେ। ଆଜି ଇ -ଶିକ୍ଷା ଏବଂ ୫ ଜି ଟେକ୍ନୋଲୋଜିକୁ ଆପଣେଇବା ସମୟୋଚିତ ହେବ ବୋଲି ମନ୍ତ୍ରୀ କହିଥିଲେ।ସମାରୋହରେ ବିଶିଷ୍ଟ ଅତିଥି ଭାବରେ ସାମିଲ ହୋଇ ପୂର୍ବତନ ମନ୍ତ୍ରୀ ଅମର ଶତପଥୀ , ଆମର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ମାତ୍ରାରେ ପ୍ରଯୁକ୍ତି ବିଦ୍ୟାର କ୍ରୀତଦାସ ନ ସାଜି ସ୍ୱୟଂସମ୍ପୃଦ୍ଧ ଓ ସୃଜନଶୀଳଯୁକ୍ତ ହେବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଅସ୍କାର ବିଧାୟିକା ମଞ୍ଜୁଳା ସ୍ୱାଇଁ ,ଏସାର - ଗୁରୁକୁଳ ଦ୍ୱାରା ସାରା ପୃଥିବୀରେ ଓଡ଼ିଆ ଶିକ୍ଷାକୁ ପରିବ୍ୟାପ୍ତ କରିବାର ପ୍ରୟାସକୁ ସ୍ୱାଗତ ଜଣାଇଥିଲେ।

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ମୁଖ୍ୟ ଗୁରୁମା ଡ଼. ଅରୁନ୍ଧତି ଦେବୀ , ବିଦେଶରେ ଲୁପ୍ତ ପ୍ରାୟ ହେବାକୁ ଯାଉଥିବା ଓଡ଼ିଆ ଭାଷା କୁ ପୁନରୁଦ୍ଧାର କରିବା ଏବଂ ବର୍ତ୍ତମାନ ତଥା ଭବିଷ୍ୟତ ପିଢୀକୁ ଏହାର ଉପାଦେୟତା ପ୍ରତି ସଚେତନ କରାଇବା ଓ ଏଥିପ୍ରତି ଆକୃଷ୍ଟ କରିବା ଦିଗରେ ଏସାର - ଗୁରୁକୁଳ ନିଶ୍ଚିତ ଭାବରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ଭରସା ପ୍ରକଟ କରିଥିଲେ। ମାନବିକତା ଧର୍ମୀ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଗୁରୁକୁଳ, ବିଦ୍ୟାର୍ଥୀର ଜୀବନ ଓ ମାନସିକତା ନିର୍ମାଣ କରିବ ବୋଲି ଡ଼.ଦେବୀ ଉଲ୍ଲେଖ କରିଥିଲେ। ପ୍ରବାସରେ ଓଡ଼ିଆ ପାଠ୍ୟକ୍ରମ ଶିକ୍ଷାଲାଭ କରୁଥିବା ଛାତ୍ର ଛାତ୍ରୀମାନଙ୍କୁ ଅନଲାଇନ ପରୀକ୍ଷା ଦେବାର ସୁଯୋଗ ପ୍ରଦାନ କରିବାକୁ ଚେନ୍ନାଇ ସ୍ଥିତ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ସମାଜର ସଭାପତି ଶାନ୍ତନୁ କୁମାର ଜେନା, ରାଜ୍ୟ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନଲାଇନ ଯୋଗେ ନୂଆକରି ଯୁଗୋପଯୋଗୀ ଗୁରୁଶିଷ୍ୟ ପରମ୍ପରାର ପୁନରୁଦ୍ଧାର, ସମୟର ଆହ୍ୱାନ ବୋଲି ନୂଆଦିଲ୍ଲୀ ସ୍ଥିତ ଡ଼. ଆମ୍ବେଦକର ଫାଉଣ୍ଡେସନ ର ନିର୍ଦ୍ଦେଶକ ଡ଼. ଦେବେନ୍ଦ୍ର ମାଝୀ ଦର୍ଶାଇଥିଲେ।

ସ୍ୱାଗତ ଭାଷଣ ପ୍ରଦାନ କରି ଉତ୍ସବର ସହ ଆୟୋଜକ ବରିଷ୍ଠ ସାମ୍ବାଦିକ ତଥା ବନ୍ଦେ ଉତ୍କଳ ଫାଉଣ୍ଡେସନ ର ପ୍ରତିଷ୍ଠାତା ଅଧକ୍ଷ କିଶୋର ଦ୍ୱିବେଦୀ , ଏସାର - ଗୁରୁକୁଳ ପାରମ୍ପରିକ ଶିକ୍ଷା ପ୍ରଦାନ ଓ ଗ୍ରହଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଯାଉଥିବା ସୁଚାଇଥିଲେ। ବିଦ୍ୟାର୍ଥୀ ଶିକ୍ଷାଦାନ ନିକଟକୁ ନ ଆସି ଶିକ୍ଷାକୁ ବିଦ୍ୟର୍ଥୀର ଦୁଆର ମୁହଁରେ ସପ୍ତାହକୁ ସାତଦିନ ଓ ୨୪ ଘଣ୍ଟା ଧରି, ତାଙ୍କର ସୁବିଧା ଅନୁସାରେ ପହୁଞ୍ଚାଇବା, ଏହି ନୂଆ ଶିକ୍ଷାକ୍ରମର ଅସଲ ଉଦେଶ୍ୟ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ।

ଉଭୟ ପ୍ରକୃତ ଓ ୱ ?ବ ଯୋଗେ ଆୟୋଜିତ ଏହି ଉଦଘାଟନୀ ସମାରୋହର ମୁଖ୍ୟ ଆୟୋଜକ ଏବଂ ଏସାର- ଗୁରୁକୁଳ ର ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଇଂ ମୀନକେତନ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରି ଏସାର- ଗୁରୁକୁଳ ସଂସ୍ଥା ଗଠନ ପଛରେ ଥିବା ଦାର୍ଶନିକ ଓ ଆଧାତ୍ମିକଗତ ମହତ ଭାବନା ଉପରେ ଆଲୋକପାତ କରିଥିଲେ। ଦେଶର ଶିକ୍ଷା ବ୍ୟବସ୍ଥାର ଆମୂଳଚୂଳ ନବୀକରଣ ଓ ଏହାର ମାନବର୍ଦ୍ଧନ ପାଇଁ ଏସାର - ଗୁରୁକୁଳ ବଦ୍ଧପରିକର ବୋଲି ଇଃ ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ।

ସମଗ୍ର ଡିଜିଟାଲ କାର୍ଯ୍ୟକ୍ରମକୁ ଏସାର- ଗୁରୁକୁଳ ପରିକଳ୍ପନାର ସର୍ଜନାକାରୀ ଏବଂ ସି .ଏମ .ଡି ଇଃ ଶ୍ରୀ ବିଶ୍ୱାଳଙ୍କର ସୁପୁତ୍ର ଶିବ ରଞ୍ଜନ ବିଶ୍ୱାଳ ମାଞ୍ଚେଷ୍ଟର ରୁ ସଂଯୋଜନା କରିଥିଲେ। ଆୟୋଜନର ସୁପରିଚାଳନା କରିବାରେ ଶିବ କୁମାର ବିଶ୍ୱାଳ , ପ୍ରକାଶ ନାୟକ, ଦିଲ୍ଲୀପ କୁମାର ସାହୁ ଏବଂ ବିକାଶ ଚନ୍ଦ୍ର ନାୟକ ପ୍ରମୁଖ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ଛ ଶେଷରେ ଜଗବନ୍ଧୁ ମୃଦୁଲି ଓ ତାଙ୍କର ସାଥି କଳାକାର ମାନେ ମନୋରଂଜକ ଭଜନ ପରିବେଷଣ କରିଥିଲେ।




# ସର୍ବ ସୁଖ-ଧାମ ରାମ ଓ ରାମପ୍ରାଣ ହନୁମାନ

ଗୋସ୍ୱାମୀ ତୁଳସୀ ଦାସଙ୍କ ରାମ ଚରିତ ମାନସ ହିନ୍ଦୀ ସାହିତ୍ୟର ଉଜ୍ଜ୍ୱଳ ରତ୍ନ। ଶ୍ରୀରାମଙ୍କ ଚରିତଗ୍ରନ୍ଥ ଭାବରେ ଏହାର ଲୋକପ୍ରିୟତା ମଧ୍ୟ ପ୍ରଚୁର। କବି ଭୂଷଣ ସ୍ୱପ୍ନେଶ୍ୱର ଦାଶ ଏହାର ସରଳ ଓଡ଼ିଆ ପଦ୍ୟାନୁବାଦ କରିଛନ୍ତି। ତାହାର 'ବାଳକାଣ୍ଡ'ରେ ବର୍ଣ୍ଣିତ ହୋଇଛି 'ରାମଜନ୍ମ ଓ ବାଳଲୀଳା' ପ୍ରସଙ୍ଗ। ସେଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କ ନାମକରଣ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ ବର୍ଣ୍ଣନା ଅଛି। ବଶିଷ୍ଠମୁନିଙ୍କ ପରାମର୍ଶରେ ଅଯୋଧ୍ୟାର ରାଜା ଦଶରଥ ଋଷ୍ୟଶୃଙ୍ଗ ଋଷିଙ୍କୁ ଅଣାଇ ଏକ ପୁତ୍ରେଷ୍ଟି ଯଜ୍ଞ କରିଥିଲେ ଏବଂ ସେହି ଯଜ୍ଞର ଚରୁ ସେବନ କରି ତାଙ୍କର ତିନି ରାଣୀଙ୍କ ଗର୍ଭରୁ ଚାରି ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲେ। ତାହା ସମଗ୍ର ଅଯୋଧ୍ୟାବାସୀଙ୍କୁ ଆନନ୍ଦିତ କରିଥିଲା। ତୁଳସୀ ରାମାୟଣର ବର୍ଣ୍ଣନା ଅନୁସାରେ ମଧୁ ମାସ (ଚୈତ୍ର) ଶୁକ୍ଳପକ୍ଷ ନବମୀ, ଅଭିଜିତ ନକ୍ଷତ୍ରରେ ଜନ୍ମଗ୍ରହଣ କରିଥିଲେ ଶ୍ରୀରାମ। ତାଙ୍କର ଜନ୍ମ ସମୟ ଥିଲା ମଧ୍ୟାହ୍ନ। ସେତେବେଳେ ପ୍ରବଳ ଶୀତ ବା ପ୍ରଚଣ୍ଡ ଖରା ନଥିଲା। ମୃଦୁ ସୁଶୀତଳ ମଳୟ ପବନ ବହୁଥିଲା। ଜନ୍ମ ପରେ ଶ୍ରୀରାମ ଚତୁର୍ଭୁଜ ରୂପରେ ଆବିର୍ଭୂତ ହୋଇଥିଲେ। ମାତା କୌଶଲ୍ୟା ହାତ ଯୋଡ଼ି ତାଙ୍କୁ ସ୍ତୁତି ମଧ୍ୟ କରିଥିଲେ। କିନ୍ତୁ ତାପରେ ମାତା ତାଙ୍କୁ ଅନୁରୋଧ କରିଥିଲେ 'ଏ ରୂପ ଛାଡ଼ି ବାଲ୍ୟଲୀଳା କଲେ ମୋର ଅପାର ସୁଖ ଜାତ ହେବ।' ତାହା ଶୁଣି ମାୟାଧର ବିଷ୍ଣୁ ନିଜର ସେହି ରୂପ ଛାଡ଼ି ବାଲ୍ୟରୂପ ଧାରଣ କରିଥିଲେ। ତାହାପରେ ବଶିଷ୍ଠ ମୁନି ରାମ ଓ ଅନ୍ୟ ତିନିଭାଇଙ୍କର ନାମକରଣ କରିଥିଲେ। ସେହି ନାମକରଣ ସମୟରେ ସେ କହିଥିଲେ ପାଟରାଣୀ କୌଶଲ୍ୟାଙ୍କର ଏ ପୁତ୍ର ଆନନ୍ଦ-ସରିତ-ପତି ବା ଆନନ୍ଦର ସମୁଦ୍ର। ଏହାଙ୍କର କୃପା ରୂପକ ଜଳକଣାରେ ତ୍ରିଲୋକବାସୀ ସୁଖୀ ହେବେ। ଏହାଙ୍କର ନାମ ଅଖିଳ ବିଶ୍ୱର ଲୋକଙ୍କୁ ଆରାମ ଦେବ ଏବଂ ତାଙ୍କର ସର୍ବ ସୁଖର ଧାମ ହେବ। ଏଣୁ ଏହାଙ୍କର ନାମ 'ରାମ'।





ସେହିପରି ଅନ୍ୟ ତିନିପୁତ୍ରଙ୍କ ମଧ୍ୟରୁ କୈକେୟୀଙ୍କ ପୁତ୍ରର ନାମକରଣ କରି ସେ କହିଥିଲେ - ଏ ପୁତ୍ର ବିଶ୍ୱର ଭରଣପୋଷଣ କରିବ। ଏଣୁ ଏହାଙ୍କର ନାମ 'ଭରତ'। ଶେଷରେ କନିଷ୍ଠା ରାଣୀ ସୁମିତ୍ରାଙ୍କର ଦୁଇ ଯାଆଁଳା ପୁତ୍ରଙ୍କ ମଧ୍ୟରୁ ପ୍ରଥମର ନାମକରଣ କରି ସେ କହିଥିଲେ- ଏହାଙ୍କର ନାମ ସ୍ମରଣ ମାତ୍ରେ ଶତ୍ରୁକୁଳ ନାଶ ହେବ। ଏଣୁ ଏହାଙ୍କର ନାମ 'ଶତ୍ରୁଘ୍ନ'। ଶେଷରେ ସୁମିତ୍ରାଙ୍କର ଅନ୍ୟ ପୁତ୍ରର ନାମକରଣ କରି ସେ କହିଥିଲେ, ରାମପ୍ରିୟ ଏ ପୁତ୍ର ଜଗତ ଅଧାରଭୂତ ସର୍ବସୁଲକ୍ଷଣ ସଂପନ୍ନ ହେବ ଏଣୁ ଏହାଙ୍କର ନାମ ଲକ୍ଷ୍ମଣ। ଏହିପରି ଭାବରେ ବଶିଷ୍ଠ ମୁନି ଦଶରଥଙ୍କର ଚାରିପୁତ୍ରଙ୍କ ନାମକରଣ, ସେମାନଙ୍କର ଗୁଣ ଅନୁରୂପେ କରିଥିଲେ। ଶ୍ରୀମଦ୍ଭାଗବତ ମହାପୁରାଣ (୧୧/୧୬/୨୯)ରେ ସ୍ୱୟଂ ପରମପୁରୁଷ ଭଗବାନ ନିଜକୁ କିମ୍ପୁରୁଷମାନଙ୍କ ମଧ୍ୟରେ ହନୁମାନ ବୋଲି ଘୋଷଣା କରିଛନ୍ତି - 'ବାୟୁଦେବୋ ଭଗବତାଂ ତ୍ୱଂ ତୁ ଭାଗବତେଷ୍ୱହମ୍। କିମ୍ପୁରୁଷାଣାଂ ହନୁମାନ ବିଦ୍ୟାଧ୍ରାଣାଂ ସୁଦର୍ଶନଃ।।' ଅର୍ଥାତ୍ ମୁଁ ଷଡ଼ୈଶ୍ୱର୍ଯ୍ୟଶାଳିଙ୍କ ମଧ୍ୟରେ ବାସୁଦେବ, ପ୍ରେମୀ ଭକ୍ତଙ୍କ ମଧ୍ୟରେ ଉଦ୍ଧବ, ପୁରୁଷେତରମାନଙ୍କ ମଧ୍ୟରେ ହନୁମାନ ଓ ବିଦ୍ୟାଧର ମାନଙ୍କ ମଧ୍ୟରେ ନନ୍ଦଙ୍କ ଚରଣସ୍ପର୍ଶକାରୀ ସୁଦର୍ଶନ। ଏଥିରୁ ଭଗବାନ ଓ ହନୁମାନ ଏକ ଓ ଅଭିନ୍ନ ବୋଲି ପ୍ରମାଣିତ। ଭକ୍ତ ଓ ଭଗବାନଙ୍କର ଏକତ୍ୱ ସତ୍ତ୍ୱେ ସେମାନଙ୍କର ଦ୍ୱୈତ ଲୀଳା ଅତିବ ହୃଦୟଗ୍ରାହୀ, ଶିକ୍ଷଣୀୟ। ଆନନ୍ଦରାମାୟଣ ଉଲ୍ଲେଖ ଅଛି - 'ଯତ୍ର ଯତ୍ର ରଘୁନାଥକୀର୍ତ୍ତନଂ ତତ୍ର ତତ୍ର କୃତମସ୍ତକାଞ୍ଜଳିମ୍। ବାଷ୍ପବାରିପରି ପୂର୍ଣ୍ଣଲୋଚନଂ ମାରୁତିଂ ନମତ ରାକ୍ଷସାନ୍ତକମ୍।।' ବାଲ୍ମୀକି ରାମାୟଣ (୭/୪୦/୨୩)ରେ ରାମଚନ୍ଦ୍ରଙ୍କ ପ୍ରଶଂସାବାଣୀ ଅତୀବ ଭାବାତ୍ମକ। ଯଥା 'ଏକୈକସ୍ୟୋପକାରସ୍ୟ ପ୍ରାଣାନ୍ ଦାସ୍ୟାମି ତେ କପେ। ଶେଷସ୍ୟେହୋପକାରାଣାଂ ଭବାମ ଋଣିନୋ ବୟମ୍।' ଅର୍ଥାତ୍ ହେ କପି ହନୁମାନ! ତୁମେ ଯେତେ ସବୁ ଉପକାର କରିଛ ସେଥିମଧ୍ୟରୁ ଗୋଟିଏ ଗୋଟିଏ ପାଇଁ ପ୍ରତ୍ୟୁପକାରରେ ମୁଁ ପ୍ରାଣ ସମର୍ପଣ କରିପାରିବି। ମାତ୍ର ତା ପରେ ବି ତୁମ ଉପକାରର ଶେଷ ନଥିବାରୁ ମୁଁ ଚିରକାଳ ଋଣୀ ରହିଯିବି। ଅସରନ୍ତି ଏହି ରାମ ହନୁମାନ କଥାବସ୍ତୁ। ସମର୍ଥ ଭଗବାନ ଓ ସମ୍ପନ୍ନ ଭକ୍ତ ଭାବରେ ଯୁଗେ ଯୁଗେ ପୁରୁଷୋତ୍ତମ ଶ୍ରୀରାମ ଏବଂ ଭକ୍ତରାଜ ଶ୍ରୀହନୁମାନ ଚିରନମସ୍ୟ।

**ତ୍ରିନାଥ ଓଝା,** ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱର ଗଡ଼ା, କଟକ, ଦୂରଭାଷ: ୯୨୩୮୬୦୨୮୨୫

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ବିଶ୍ୱନାଟ୍ୟ ଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ଅଗ୍ରଣୀ ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର ବିଶ୍ୱ ନାଟ୍ୟ ଦିବସ ଅବସରରେ ସାମାଜରେ କିଭଳି କଳା ସଂସ୍କୃତି ବଞ୍ଚି ରହିବ ବାର୍ତ୍ତାବହକ କ୍ଷୁଦ୍ର ନାଟକ "ଜରୁରୀ" ମଞ୍ଚସ୍ଥ ହୋଇଯାଇଛି। ଅନ୍ୱେଷଣ ଥିଏଟର ଗ୍ରୁପ ସବୁବେଳେ ସବୁ ସମୟରେ ସମାଜକୁ ଶିକ୍ଷା ଦେଲାଭଳି କଳାକାରମାନଙ୍କ ଦ୍ୱାରା ନାଟକ ଲୋକ ମାନଙ୍କ ଆଦୃତ ହୋଇ ଆସୁଅଛି। ଅନ୍ୱେଷଣ ସବୁବେଳେ ଯାଜପୁର ନୁହେଁ ସାରା ଓଡ଼ିଶାର ତାହାର କଳାକାରମାନେ ନାଟକ ମାଧ୍ୟମରେ ବିକଶିତ କରିଆସୁଅଛନ୍ତି। ଗତ ମାସ ୨୭ ତାରିଖ ରବିବାର ଅନୁଷ୍ଠାନର କଳାମାନେ ଯାଜପୁରର ସର୍ବପୁରାତନ ବାରୁଣୀ ଘାଟ ଠାରେ ଏକତ୍ରିତ ହୋଇ ଛୋଟ ଛୋଟ ପିଲାମାନଙ୍କୁ ମିଷ୍ଟାନ ବଣ୍ଟନ କରିବା ସହ ପବିତ୍ର ବାରୁଣୀ ଘାଟକୁ ସଫେଇ କରିଥିଲେ। ତାହାପରେ କଳାକାରମାନେ ସୁ-ସଜ୍ଜିତ ହୋଇ କଳା ସଂସ୍କୃତି କିଭଳି ବଂଚି ରହିବ ତାହା ଉପରେ ଆଧାରିତ କ୍ଷୁଦ୍ର ନାଟକ 'ଜରୁରୀ' ପରିବେଷଣ କରାଯାଇଥିଲା। ଏହି ନାଟକଟି ଯାଜପୁରର ଦର୍ଶକଙ୍କ ଖୁବ୍ ମନୋମୁଗ୍ଧକର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ର, ଯାଜପୁର ଥାନାର ଆଇଆଇସି ଅଜୟ କୁମାର ଜେନା, ଯାଜପୁର ଉପକାରାଗାରର ଜେଲର ପ୍ରସନ୍ନ କୁମାର ସାହୁ, ସମାଜ ସେବୀ ରବିନ୍ଦ୍ର କୁମାର ପରିଡ଼ା। ଯୋଗଦେଇ ଅନୁଷ୍ଠାନ ଏହିପରି ନିଆରା କାର୍ଯ୍ୟକ୍ରମକୁ ଭୂୟସି ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ଉପ-ସଭାପତି ଉପେନ୍ଦ୍ର କୁମାର ଯେନା, ମିଡିଆ ସେଲ୍ ଅଧକ୍ଷ ସୁରେଶ କୁମାର କର, ମୃତ୍ୟୁଞ୍ଜୟ ସାହୁ, ସେକ୍ ସାଜିଦ୍ (ରନ୍ଦ ବାବୁ), ଆଦିକନ୍ଦ ପଣ୍ଡା, ଗୌତମ ବିକାଶ ମହାନ୍ତି, ଗୋପାଳ ଚନ୍ଦ୍ର ବେହେରା, ଭରତ ଚନ୍ଦ୍ର ହେହେରା, ରତିକାନ୍ତ ସାହୁ, ଧନଞ୍ଜୟ ନାୟକ, ସୁରଜ ପଣ୍ଡା, ମୁକୁନ୍ଦ ନାୟକ, ଅଚ୍ୟୁତାନନ୍ଦ ସ୍ୱାଇଁ, ଜିତେନ୍ଦ୍ର ସାହୁ, ବିଜୟ ମହାରଣା, କାହ୍ନୁ ଚରଣ ପତି (ସଂଗୀତଜ୍ଞ), ସନ୍ତୋଷ କୁମାର ରାଉତ, ଇଚ୍ଛାମୟୀ ଧଳ, ମମତାରାଣୀ ଯେନା, ସ୍ୱାତୀ ପଣ୍ଡା, ସାଗରିକା ପରିଡ଼ା, ମାମାଲି ସାହୁ, ପଲ୍ଲବି ପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅଭିମନ୍ୟୁ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଆଗାମୀ ଦିନରେ ନାଟକ ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଇବା ପାଇଁ ସମସ୍ତ ସଦସ୍ୟ ସଦସ୍ୟାମାନଙ୍କୁ ନାଟ୍ୟ ଦିବସରେ ଶପଥ ନେଇଥିଲେ ବୋଲି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ।

# ଜିଲ୍ଲାସ୍ତରୀୟ ଏକଦିବସୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ତାଲିମ କର୍ମଶାଳା

ବାଲେଶ୍ୱର (ପିଏନ୍)-ଗ୍ରୀଷ୍ମର ପ୍ରକୋପ ଏବେ ଧୀରେ ଧୀରେ ବଢି ଚାଲିଥିବା ବେଳେ ଗ୍ରୀଷ୍ମପ୍ରବାହର ଉପଯୁକ୍ତ ମୁକାବିଲା ଓ ପରିଚାଳନା ନିମନ୍ତେ ଓଡିଶା ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହାୟତାରେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ ପ୍ରମୁଖ ମଂଚାସୀନ ଥିବା ବେଳେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଗ୍ରଷ୍ମପ୍ରବାହ ପରିଚାଳନା ସମ୍ପର୍କରେ ତାଲିମ୍ ଗ୍ରହଣ କରିଥିଲେ । ଗୋଟିଏ ସ୍ଥାନର ସାଧାରଣ ତାପମାତ୍ରା ଠାରୁ ଯଦି କୌଣସି ଦିନ ୪.୫ ରୁ ୬ଡିଗ୍ରୀ ଅଧିକ ତାପମାତ୍ରା



ରୁହେ କିମ୍ବା ୪୫ ଡିଗ୍ରୀ ସେଲସିୟସ୍ ଉପରେ ତାପମାତ୍ରା ରୁହେ, ତେବେ ଆମେ ତାହାକୁ ଗ୍ରୀଷ୍ମ ପ୍ରବାହ ବୋଲି କହିଥାଉ । ଗ୍ରୀଷ୍ମ ପ୍ରବାହ ଯୋଗୁଁ ମନୁଷ୍ୟ ଶରୀରରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବା ସହିତ ଗୃହପାଳିତ ପଶୁ ଏବଂ ଚାଷବାସ ଉପରେ ମଧ୍ୟ ଏହାର କୁପ୍ରଭାବ ପଡିଥାଏ । ଅଂଶୁଘାତରେ ଜୀବନହାନୀ ମଧ୍ୟ ହୋଇଥାଏ । ତେଣୁ ଏହାର ସଠିକ୍ ମୁକାବିଲା ଏବଂ ଅଂଶୁଘାତରୁ ରକ୍ଷାପାଇବାର ଉପାୟ ସମ୍ପର୍କରେ ଏହି କର୍ମଶାଳାରେ ଅଧିକାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ବୈଠକରେ ଉପସ୍ଥିତ ତହସିଲଦାର, ବିଡିଓ, ଜିଲ୍ଲା ଶିକ୍ଷାଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ଏ ସମ୍ପର୍କରେ ସମଗ୍ର ଜିଲ୍ଲାରେ ଯଥେଷ୍ଟ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଗ୍ରୀଷ୍ମପ୍ରବାହ ମୁକାବିଲା ସମ୍ପର୍କରେ ସୂଚନା ପ୍ରଦାନ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଓସଡାମା'ର "ସତର୍କ" ଆପ୍ ସମ୍ବନ୍ଧରେ କିଭଳି ଅଧିକରୁ ଅଧିକ ଲୋକ ଜାଣିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା । ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ସହ ସାମାଜିକ ଗଣମାଧ୍ୟମରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଏହି ଶିବିରରେ ଗୁରୁତ୍ୱାରୋପ କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ବିଭିନ୍ନ ଅଂଚଳରେ ବଂଟନ ହେବାକୁ ପେନସନ୍ ଓ ଭିନ୍ନକ୍ଷମ ସହାୟକ ଉପକରଣ ପାଇଁ ସମୟ ସାରଣୀରେ ପରିବର୍ତନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳାଭାବ ଉପରେ ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ପାନୀୟ ଜଳ ସମସ୍ୟା ପାଇଁ ଜାରି କରାଯାଇଥିବା ହେଲ୍ପ ଲାଇନ୍ ନମ୍ବର – ୧୯୧୬ ସମ୍ପର୍କରେ ଜିଲ୍ଲାର ସମସ୍ତ ଅଂଚଳର ଲୋକ ଓ ଶିକ୍ଷାନୁଷ୍ଠାନ ଛାତ୍ରଛାତ୍ରୀମାନେ ଜାଣିପାରିବେ ସେ ନେଇ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେବେ । ପଶୁପକ୍ଷୀଙ୍କ ପାଇଁ ବିଭିନ୍ନ ଜାଗାରେ ବଡମୁହଁ ଥିବା ପାତ୍ର କିମ୍ବା ସେଭଳି ଆକୃତିର ଅନ୍ୟ କୌଣସି ପାତ୍ରରେ ପାନୀୟଜଳ ରଖାଯିବା ବ୍ୟବସ୍ଥା କରାଯିବ । ଅଂଶୁଘାତ ରୋଗୀଙ୍କ ଆଶୁ ଚିକିତ୍ସା ପାଇଁ ଜିଲ୍ଲାର ସମସ୍ତ ଚିକିତ୍ସାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ଓ ଅଂଶୁଘାତରେ ମୃତ୍ୟୁ କ୍ଷେତ୍ରରେ ମିଳିତ ତଦନ୍ତ ରିପୋର୍ଟ ନିଶ୍ଚିତ ଭାବେ ସମୟସୀମା ମଧ୍ୟରେ ଦାଖଲ ହେବ । ବିଦ୍ୟାଳୟମାନଙ୍କର ପାଣିଟାଙ୍କିକୁ ସଫା କରାଯିବା ସହିତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଓଆରଏସ ପ୍ୟାକେଟ୍ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଶ୍ରେଣୀ ସମୟ ପରିବର୍ତନ ସହିତ କୋଭିଡ୍ ଟିକାକରଣ ସମୟକୁ ମଧ୍ୟ ପରିବର୍ତନ କରିବାକୁ ଏଥିରେ କୁହାଯାଇଥିଲା । ଗ୍ରୀଷ୍ମ ଋତୁରେ କୌଣସିପ୍ରକାର ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବେ । ଜିଲ୍ଲାର ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ରେକର୍ଡ ରୁମରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଥିବାରୁ ସେଠାରେ ଯେପରି କୌଣସି କାରଣବଶତଃ ନିଆଁ ନ ଲାଗେ ସେଥିପ୍ରତି ସତର୍କ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏପରିକି ଅଗ୍ନିଶମ ବିଭାଗ ଦ୍ୱାରା ନିଜ ନିଜ କାର୍ଯ୍ୟାଳୟରେ ଆଗୁଆ ଅଗ୍ନି ସୁରକ୍ଷା ଅଡିଟ୍ କରି ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେ କହିଥିଲେ । ବାଲେଶ୍ୱର ସହର ମଧ୍ୟରେ ପ୍ରଚଣ୍ଡ ଖରାରେ ଟ୍ରାଫିକ୍ ପୋଲିସ୍ ସେମାନଙ୍କ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ଛତା ଯୋଗାଇଦେବା ସହିତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲା ଜରୁରୀକାଳୀନ ଅଧିକାରୀଙ୍କୁ କୁହାଯାଇଥିଲା । ବାଟୋଇ ଓ ଯାତ୍ରୀମାନଙ୍କର ତୃଷା ନିବାରଣ ନିମନ୍ତେ ପାନୀୟ ଜଳ ସେବା କେନ୍ଦ୍ର ସ୍ଥାପନ ହେବାକୁ ଥିବା ବେଳେ ଆବଶ୍ୟକତା ଅନୁଯାୟୀ ଏହା ସ୍ଥାପନ କରିବା ଏବଂ ଏହାର ସୁପରିଚାଳନା ସହିତ ସ୍ୱଚ୍ଛତା ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଥିଲା । ସେହିପରି ଦିନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ ପ୍ରଚଣ୍ଡ ଖରାରେ କାମ କରିବା ପାଇଁ ବାରଣ କରାଯିବ । ଅଂଶୁଘାତରୁ ରକ୍ଷା ପାଇଁ କଣ କରିବା ଏବଂ କଣ ନ କରିବା ସେ ସମ୍ପର୍କରେ ଅଧିକାରୀମାନଙ୍କୁ ବିଶେଷ ଭାବେ ଏହି ତାଲିମ ଶିବିରରେ ବୁଝାଯାଇଥିଲା ଏବଂ ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା । ବିଦ୍ୟୁତ୍ କାଟ ଓ ଲୋ ଭୋଲଟେଜ୍ ଜନିତ ସମସ୍ୟା ଏବଂ ଯାତ୍ରୀ ପରିବହନ ପାଇଁ ସମୟ ନିର୍ଦ୍ଧାରଣ ସମ୍ପର୍କରେ ମଧ୍ୟ ଏହି କର୍ମଶାଳାରେ ଆଲୋଚନା ହୋଇଥିଲା । ତାଲିମ୍ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପ୍ରକଳ୍ପ ଅଧିକାରୀ ଶ୍ରୀ ଅବନୀକାନ୍ତ ଭୂୟାଁ ପ୍ରୋଜେକ୍ଟର ମାଧ୍ୟମରେ ଗ୍ରୀଷ୍ମପ୍ରବାହ ଓ ଏହାର ପ୍ରଭାବ ଉପରେ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ୍ ଗ୍ରୀଷ୍ମପ୍ରବାହ ମୁକାବିଲା ଆକ୍ସନ ପ୍ଲାନ୍ ଉପରେ ଆଲୋକପାତ କରିଥିଲେ । ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏପିଡେମୋଲୋଜିଷ୍ଟ ଡା. ଅରୂପ ଦାସ ଗ୍ରୀଷ୍ମ ପ୍ରବାହ ଜନିତ ମାନସିକ ଓ ଶାରୀରିକ ଚାପ ପରିଚାଳନା ଉପରେ ତଥ୍ୟଭିତିକ ରିପୋର୍ଟ ଉପସ୍ଥାପନ ସହ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ୟୁନିସେଫ ଜିଲ୍ଲା ସଂଯୋଜକ ଶ୍ରୀ ପ୍ରଦୀପ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଡ. ପଦ୍ମଜ ପାଳଙ୍କ ଉପନ୍ୟାସ 'ବି. ରାଓ୍ୱତ୍ ରିପୋର୍ଟ' ଲୋକାର୍ପିତ, ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ 'ପଦ୍ମଜ କଥା ସମ୍ମାନ'

ଖୋର୍ଦ୍ଧା (ପିଏନ୍): ଯଶସ୍ୱୀ କଥାକାର ତଥା ଔପନ୍ୟାସିକ ଡ. ପଦ୍ମଜ ପାଳଙ୍କ ୭୬ ତମ ଜନ୍ମଦିନ ଅବସରରେ 'ବି. ରାଓ୍ୱତ୍ ରିପୋର୍ଟ' ନାମକ ଉପନ୍ୟାସ ଉନ୍ମୋଚିତ ହୋଇଯାଇଛି। ଚର୍ଯ୍ୟାୟୁଧ ପକ୍ଷରୁ ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଗୋପାଳକୃଷ୍ଣ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସମେତ ଗାଳ୍ପିକ ଡ. ସୁରେଶ ଛୋଟରାୟ, ଡ. ନଟବର ସାହୁ, ଅଣୁଗଳ୍ପର ସ୍ରଷ୍ଟା ସୁନୀଲ ବୋଷ, ଜ୍ଞାନରଂଜନ ଦାଶ, ଆଶିଷ ରାୟ, ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଡ. ପାଳଙ୍କ ସଦ୍ୟପ୍ରକାଶିତ ଉପନ୍ୟାସର ସଫଳତା କାମନା କରିବା ତାଙ୍କର କାଳଜୟୀ ସୃଷ୍ଟି ଓ ଜୀବନଦର୍ଶନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଯୁବ ଗାଳ୍ପିକ ବିଭୂ ହୋତାଙ୍କୁ ପ୍ରଥମ ଥର ପାଇଁ 'ପଦ୍ମଜ କଥା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର, ଉପଢୌକନ ସହ ୧୦ହଜାର ଅର୍ଥରାଶି ତାଂକୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ 'ଚର୍ଯ୍ୟାୟୁଧ'ର ସମ୍ପାଦିକା ସବିତା ପାଳ ସୂଚନା ଦେଇଥିଲେ ଯେ, ପ୍ରତିବର୍ଷ ଡ. ପାଳଙ୍କ ଜନ୍ମଦିନ ଅବସରରେ ଏହି ସମ୍ମାନ ଜଣେ ନିଷ୍ଠାବାନ ସାହିତ୍ୟିକଙ୍କୁ ପ୍ରଦାନ କରାଯିବ। ଡ. କୈଳାସ ଚନ୍ଦ୍ର ମହାରଣା ଓ ଗାଳ୍ପିକ ତପନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡ. ପାଳ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ପ୍ରତ୍ୟେକ ମଣିଷକୁ ଭଲ ପାଇବା ଓ ଜୀବନକୁ ବୁଝିବା ହେଉଛି ସାହିତ୍ୟିକର ଧର୍ମ। ଶେଷରେ କବୟିତ୍ରୀ ପ୍ରିୟଦର୍ଶିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ପଖାଳ ଦିବସ

ଖୋର୍ଦ୍ଧା (ପିଏନ୍): ପଖାଳ ହେଉଛି ଓଡ଼ିଆ ଅସ୍ମିତାର ପରିଚାୟକ। ଏହା ସ୍ୱାସ୍ଥ୍ୟ ପାଇଁ ହିତକର। କରୋନା ସମୟରେ ପଖାଳର ରୋଗପ୍ରତିରୋଧକ ଶକ୍ତି ସଂପର୍କରେ ଚର୍ଚ୍ଚା ହୋଇଥିଲା ବୋଲି ପଖାଳ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ପରିସରରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡ. ସୁଜିତ୍ କୁମାର ବିଷୋୟୀ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସଂପାଦକ ସୁଧୀର କୁମାର ମାନସିଂହ ଓ ମହିଳା ଜାଗରଣ ସଂଗଠିକା ରଶ୍ମୀରେଖା ମହାପାତ୍ର ପ୍ରମୁଖ ଯୋଗଦେଇ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପଖାଳ ଭୋଗ ହେବାର ବ୍ୟବସ୍ଥା ରହିଛି। ଓଡ଼ିଆ ପଖାଳ ଖାଇ ପୁରୀ, କୋଣାର୍କ ମନ୍ଦିର ଗଢିଛି। ପଖାଳ ଏବେ ବିଶ୍ୱସ୍ତରରେ ପରିଚିତ ହେଉଛି। ସଭା ପରେ ପଖାଳ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନଙ୍କ ସମେତ ଆଇନ ମହାବିଦ୍ୟାଳୟର ଅନ୍ତେବାସିନୀ ଛାତ୍ରୀମାନଙ୍କୁ ଦହି ପଖାଳ, ଭଜା, ଶାଗ, ପାମ୍ପଡ଼, ଶୁଖୁଆ, ଖଟା ଆଦି ପରିବେଷଣ କରାଯାଇଥିଲା। ପଖାଳ ଖାଇବା ପାଇଁ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ସମ୍ପାଦିକା ଇତିଶ୍ରୀ ସାହୁ ମହାବିଦ୍ୟାଳୟ ହଷ୍ଟେଲରୁ ୪୦ଟି ବେଲା ଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ତାରାପ୍ରସାଦ ବଡ଼ଜେନା, ସୁପ୍ରିୟା ବେହେରା, ଉର୍ମିଳା ପରିଡ଼ା, ଜ୍ୟୋତିରଂଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା) ବୈଠକ

ବଲାଙ୍ଗିର, (ପି.ଏନ): ଆଜି ପୂର୍ବାହ୍ନରେ ସ୍ଥାନୀୟ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗିର ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ତଦାରଖ କମିଟି (ଦିଶା ) ବୈଠକ କମିଟିର ଅଧକ୍ଷା ତଥା ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂହଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଂଚଳ ରାଣା, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ବିମଳ ମେହେର, ବିଭିନ୍ନ ପଂଚାୟତ ସମିତିର ଅଧକ୍ଷ, ଅଧକ୍ଷା, ଦିଶା କମିଟିର ମନୋନୀତ ସଦସ୍ୟ ସଦସ୍ୟାଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀ ରାଣା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଜିଲ୍ଲାର ସର୍ବାଙ୍ଗୀନ ବିକାଶ ଓ ସମୃଦ୍ଧି ସକାଶେ ବିଭାଗୀୟ ଅଧିକାରୀ ମାନେ ଉତମ ସମନ୍ୱୟ ରଖି ଦାୟିତ୍ୱ ଓ କର୍ତବ୍ୟ ସମ୍ପାଦନ କରିବା ସହ ଯୋଜନା ଗୁଡିକର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଂଚିପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ କମିଟିର ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଯୋଜନା ଗୁଡିକର କାର୍ଯ୍ୟକାରିତା ଓ ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଜରିଆରେ ନିର୍ମାଣ ହେଉଥିବା ରାସ୍ତା ଗୁଡିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରି ଅସମ୍ପୂର୍ଣ୍ଣ ରାସ୍ତା ଗୁଡିକର ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ସଂପୂର୍ଣ୍ଣ କରିବା ଏବଂ ଧାର୍ଯ୍ୟ ମାନଦଣ୍ଡକୁ ବଜାୟ ରଖି ଗୁଣବତାକୁ ସୁନିଶ୍ଚିତ କରିବା ସକାଶେ ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚନ୍ଦନଭାଟି - ଛତାମଖନା ରାସ୍ତା ନିମ୍ନ ମାନର ହୋଇଥିବା ଅଭିଯୋଗ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ ଏହାର ଗୁଣବତା ଉପରେ ସ୍ୱତନ୍ତ୍ର ଯାଂଚ୍ କରାଯିବା ନିମନ୍ତେ ବଲାଙ୍ଗିର ବିଧାୟକ ଶ୍ରୀ ମିଶ୍ର କମିଟିର ଅଧକ୍ଷାଙ୍କୁ ଅବଗତ କରିଥିଲେ । ଆଲୋଚନା ପରେ ଏନେଇ ତଦନ୍ତ କରାଯିବା ନିମନ୍ତେ ବୈଠକରେ ସ୍ଥିର ହୋଇଥିଲା । ସରକାରଙ୍କ ବିଭିନ୍ନ ଯୋଜନାର ରୂପରେଖ ଓ କାର୍ଯ୍ୟକାରିତା ଏବଂ ହିତାଧିକାରୀ ମାନେ ପାଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଏକ ସୂଚନା ପତ୍ର ପ୍ରସ୍ତୁତ କରି ସମସ୍ତ ନିର୍ବାଚିତ ପ୍ରତିନିଧି ମାନଙ୍କୁ ଅବଗତ କରିବାକୁ କମିଟିର ଅଧକ୍ଷା ଶ୍ରୀମତୀ ସିଂହଦେଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରି ଏହି ଯୋଜନା ମାଧ୍ୟମରେ ଉପକୃତ ହେଉଥିବା ହିତାଧିକାରୀ ମାନେ ସେମାନଙ୍କ ଭତା ପାଇବାରେ ଯେପରି କୌଣସି ଅସୁବିଧା ନହେବ ଏବଂ ସେମାନେ ସହଜ ଓ ସୁବିଧାରେ ଭତା ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ସମୀକ୍ଷା କରି ଯେପରି ଯୋଗ୍ୟ ହିତାଧିକାରୀ ମାନେ ଏହି ଯୋଜନାରୁ ବଂଚିତ ନହେବେ ତାହା ସୁନିଶ୍ଚିତ କରିବା ସହ ଜିଲ୍ଲାରେ ଖାଲି ଥିବା ହିତାଧିକାରୀ ସଂଖ୍ୟା ଯଥାଶୀଘ୍ର ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନା ଜରିଆରେ ନିର୍ମାଣ କରାଯାଉଥିବା ପାଇପ ଜଳ ଯୋଗାଣ ପ୍ରକଳ୍ପ, ଓଭରହେଡ ଟ୍ୟାଙ୍କ ନିର୍ମାଣ ସମ୍ପର୍କରେ ସମୀକ୍ଷା କରି ଏହାର ଗୁଣବତାକୁ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଏମଜିଏନଆରଇଜିଏସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣ ଓ ସହରାଂଚଳ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସେ ସମୀକ୍ଷା କରିଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସିଂ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିତରକନିକାରେ ନିର୍ମାଣ ହେବ ଅତ୍ୟାଧୁନିକ ସୂଚନା କେନ୍ଦ୍ର

କେନ୍ଦ୍ରାପଡ଼ା, (ପି.ଏନ): ବିଶ୍ୱ ବିଖ୍ୟାତ ପର୍ଯ୍ୟଟନ କେନ୍ଦ୍ର ତଥା ଜୈବ ବିବିଧତାର ଗନ୍ତାଘର ଭିତରକନିକା ରେ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନ ତଥା ସୁବିଧା ସୁଯୋଗ ପାଇଁ ଉନ୍ନୟନ ମୂଳକ କାର୍ଯ୍ୟ କରାଯିବ । ୫୭ କୋଟି ଟଙ୍କା ବ୍ୟୟରେ ଭିତରକନିକାରେ ସୂଚନା କେନ୍ଦ୍ର, ୱାଚ୍ ଟାୱାର, ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର, ସେଲଫି ପଏଣ୍ଟ ପ୍ରଭୃତି ନିର୍ମାଣ କରାଯିବ । ଭିତରକନିକା ର ଜଙ୍ଗଲ ମଧ୍ୟରେ ଚାରି ମହଲା ବିଶିଷ୍ଟ ୱାଚ୍ ଟାୱାର ନିର୍ମାଣ ହେବାକୁ ଥିବା ବେଳେ ଡାଙ୍ଗମାଳ ଠାରେ ପର୍ଯ୍ୟଟକ ମାନେ ଫଟୋ ଉଠାଇବା ପାଇଁ ସେଲଫି ପଏଣ୍ଟ ନିର୍ମାଣ କରାଯିବ । ଏହା ସହ ଭାସମାନ ଜେଟି, ବାର୍ତାଳାପ କେନ୍ଦ୍ର ନିର୍ମାଣ କରାଯାଇ ପର୍ଯ୍ୟଟକ ମାନଙ୍କ ମନୋରଞ୍ଜନର ସୁବିଧା ସୁଯୋଗ ପ୍ରସ୍ତୁତ କରାଯିବ । ଭିତରକନିକାର ପ୍ରବେଶ ପଥରେ ସୂଚନା କେନ୍ଦ୍ର ସ୍ଥାପନ କରାଯାଇ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ଭିତରକନିକା ର ସମଗ୍ର ଇତହାସ, ଭୌଗୋଳିକ ଅବସ୍ଥିତି, ଜୈବ ବିବିଧତାର ସୂଚନା ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବ । ପର୍ଯ୍ୟଟକ ମାନଙ୍କ ପାଇଁ ଭୀତରକନିକା ଅଂଚଳ ବୁଲି ଦେଖିବାକୁ ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା କରାଯିବ । ଏଥି ସହିତ ଯାନବାହନ ରଖିବାକୁ ପାର୍କିଂ ସ୍ଥାନ, ଜିନିଷପତ୍ର ରଖିବା ପାଇଁ ଷ୍ଟୋର ରୁମ୍ ଓ ଆମ୍ଫିଥିଏଟର ର ବ୍ୟବସ୍ଥା କରାଯିବ । ଭିତରକନିକା ର ପ୍ରବେଶ ପଥରେ ଦୁଇଗୋଟି ଟିକେଟ୍ କାଉଣ୍ଟର ଖୋଲା ଯିବାର ମଧ୍ୟ ବ୍ୟବସ୍ଥା ରହିବ । ଏସବୁ କାର୍ଯ୍ୟ କରିବା ପାଇଁ ୫୭କୋଟି ଟଙ୍କା ବ୍ୟବ ବରାଦ କରାଯାଇ ଥିବା ଜଣାପଡିଛି ।

## ୫୩ ନମ୍ବର ଜାତୀୟ ରାଜପଥର ଦୂରାବସ୍ଥା, ବିଜେଡି ଦ୍ୱାରା ଘଂଟିକିଆ ରାସ୍ତାରୋକ

ଭୁବନ,(ପି.ଏନ): ଭୁବନ ସହର ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ରେ ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଛି । ବାରମ୍ବାର ଦାବି ଆପତି ଅଭିଯୋଗ ସତ୍ୱେ ବିଭାଗୀୟ କର୍ତୃପକ୍ଷ ନିଦା ବିଷ୍ଣୁ ସାଜିଥିବା କାରଣରୁ ସାଂସଦ ମହେଶ ସାହୁଙ୍କ ନିର୍ଦ୍ଦେଶ କ୍ରମେ ସାଂସଦ ଙ୍କ ସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଙ୍କ ନେତୃତ୍ୱରେ ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ବିଜେଡି କାର୍ଯ୍ୟକର୍ତା ଙ୍କ ଦ୍ୱାରା ସ୍ଥାନୀୟ କୋର୍ଟ ଛକ ଠାରେ ସକାଳ ୮ଘଟିକା ଠାରୁ ୯ ଘଟିକା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ରାସ୍ତାରୋକ କରାଯାଇଥିଲା । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟକ ଗାଡ଼ି ମଟର ଅଟକି ରହିଥିଲା । ଯାତ୍ରୀମାନେ ଖରାରେ ଚାଲିଚାଲି ହିନସ୍ତା ହୋଇଥିଲେ । ପରେ କାର୍ଯ୍ୟକର୍ତାଙ୍କ ତରଫରୁ ୬ ଦଫା ଦାବି ' ଯଥା - ନୀଳମାଧବ ପେଟ୍ରୋଲ ପମ୍ପ ଛକରୁ ବାଜି ରାଉତ କଲେଜ ଛକ ପର୍ଯ୍ୟନ୍ତ ସର୍ଭିସ ରୋଡ ନିର୍ମାଣ, କଲେଜ ଛକ ରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଶ୍ରମଗାର ନିର୍ମାଣ, ପେଟ୍ରୋଲ ପମ୍ପ ଓ କୋର୍ଟ ଛକରେ ଗୋଲେଇ ଟ୍ରାଫିକ ପୋଷ୍ଟ ନିର୍ମାଣ, ପର୍ଯ୍ୟାପ୍ତ ଲାଇଟ୍ ଲଗାଯିବା, କାଳୀ ବଜାର ଉପରୁ ୧୧ କେଭି ବିଦ୍ୟୁତ୍ ତାର ଉଠାଯିବା, ଜାତୀୟ ରାଜପଥ ରେ ଘଟୁଥିବା ଦୁର୍ଘଟଣା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ଦାବିପତ୍ର ତହସିଲଦାର ଅଂଶୁମାନ ମହାପାତ୍ରଙ୍କ ଜରିଆରେ ଜିଲ୍ଲାପାଳ ଓ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ପ୍ରୋଜେକ୍ଟ ଡାଇରେକ୍ଟର ଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଏହି ଆନ୍ଦୋଳନ ରେ ଭଗବାନ ଗୁରୁ, ଜୟଗୁରୁ ପାତ୍ର, ମଳୟ ତ୍ରିପାଠୀ, ଦେବାନନ୍ଦ ସାହୁ, ଅନାମ ସାହୁ , ସୁଶାନ୍ତ ପୃଷ୍ଟି , ପ୍ରକାଶ ମହାରଣା, ରମେଶ ଗୁରୁ , ହିମାଂଶୁ ମହାରଣା, ବିନୋଦ ବେହେରା, ଟିକୁ ନାୟକ, ଅନୁକୂଳ ପୋଥାଳ, ପ୍ରକାଶ ପୃଷ୍ଟି, ହୃଷିକେଶ ନାୟକ , କାବୁଲ ସେନାପତି, ହୃଦାନନ୍ଦ ମଲ୍ଲିକ,ରାଜା ପୃଷ୍ଟି, ପ୍ରମୋଦ ଗୁରୁ ପ୍ରମୁଖ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ ।

## ବଲାଙ୍ଗୀର ଲିଗ୍ କ୍ରିକେଟ: ସାନଭି ଓ ଏଏଫ୍‌ସିସି ବିଜୟୀ

ବଲାଙ୍ଗୀର,(ପି.ଏନ): ଗାନ୍ଧୀ ଷ୍ଟାଡିୟମ ଠାରେ ଚାଲୁଥିବା ବଲାଙ୍ଗିର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ତୃତୀୟ ଦିବସର ପ୍ରଥମ ମ୍ୟାଚଟି ସାନଭି ଓ ଆବ୍ରାହମ ଦଳ ମଧ୍ୟରେ ହୋଇଥିଲା । ଆବ୍ରାହମ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ବିନିମୟରେ ୧୬୪ ରନ୍ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଗୌରବ ଦେବ କୁମାର ସର୍ବାଧିକ ୩୫ ରନ୍ ଓ କିଶନ ନାଏକ ୨୮ ରନ୍ ସଂଗ୍ରହ କରିଥିଲେ । ସାନଭି ଦଳର ସଫଳ ବୋଲର ଭାବରେ ବିଶ୍ୱ ରଂଜନ ସିଂହ ସର୍ବାଧିକ ୩ ଗୋଟି ୱିକେଟ ଅକ୍ତିଆର କରିଥିଲେ । ୧୬୫ ରନ୍ ର ଲକ୍ଷ୍ୟକୁ ପିଛା କରି ସାନଭି ଦଳ ୧୮ ଓଭରରେ ୪ ୱିକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲେ । ସାନଭି ଦଳ ତରଫରୁ ସୌରବ ସାହୁ ସର୍ବାଧିକ ୮୧ ରନ୍ ଓ ବିଶ୍ୱ ରଂଜନ ସିଂହ ୪୪ ରନ୍ ସଂଗ୍ରହ କରିଥିଲେ । ଆବ୍ରାହମ ଦଳ ତରଫରୁ ସତ୍ୟଜିତ ସିଂଦେଓ ୨ ୱିକେଟ ଅକ୍ତିଆର କରିଥିଲେ । ସାନଭି ଦଳର ବିଶ୍ୱ ରଂଜନ ସିଂ ଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚଟି ତୁଷାର ରୟାଲ ଓ ଏଏଫ୍ ?ସିସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତୁଷାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୯ ୱିକେଟ ବିନିମୟରେ ୧୨୯ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ମାନସ ରଂଜନ ମିଶ୍ର ସର୍ବାଧିକ ୪୫ ରନ୍ ଓ ରାଜେଶ ରୋଶନ ସିକା ୩୬ ରନ୍ ସଂଗ୍ରହ କରିଥିଲେ । ଏଏଫ୍ ?ସିସି ଦଳ ତରଫରୁ ସଫଳ ବୋଲର ଭାବରେ ଅମରଦିପ ସୁନା ୩ ଗୋଟି, ରିକି ପଟିଙ୍ଗ ଓ ଆଶିଷ ଭୋଇ ପ୍ରତ୍ୟେକେ ୨ ଗୋଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ୧୩୦ ରନ୍ ର ଲକ୍ଷକୁ ଏଏଫ୍ ?ସିସି ଦଳ ୧୬.୩ ଓଭରରେ ୬ ୱିକେଟ ବିନିମୟରେ ସଂଗ୍ରହ କରି ବିଜୟୀ ହୋଇଥିଲେ । ଏଏଫ୍ ?ସିସି ଦଳ ତରଫରୁ ବାଦଲ ଖମାରୀ ୩୨ ରନ୍ ?, ରିକି ପଟିଙ୍ଗ ଅପରାଜିତ ୨୭ ରନ୍ ସଂଗ୍ରହ କରିଥିଲେ । ତୁଷାର ଦଳ ତରଫରୁ ବିଜ୍ଞାନ ମିଶ୍ର ଓ ରାଜେଶ ରଂଜନ ସିକା ପ୍ରତ୍ୟେକେ ୨ ଗୋଟି ୱିକେଟ ଲେଖାଏଁ ଅକ୍ତିଆର କରିଥିଲେ । ଏଏଫ୍ ?ସିସି ଦଳର ରିକି ପଟିଙ୍ଗଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ହାତ ହତିଆର ସହ ୨ଜଣ ବନ୍ୟଜନ୍ତୁ ଶିକାରୀଙ୍କୁ କାବୁ କଲେ ମହିଳା ଫରେଷ୍ଟ ଗାର୍ଡ, ଗିରଫ ହୋଇ କୋର୍ଟ ଚାଲାଣ

ହରିଚନ୍ଦନପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ? ବନଖଣ୍ଡ ଦୈତାରି ରେଞ୍ଜ ଅଧିନସ୍ଥ ବରେଇଗୋଡା ଫରେଷ୍ଟ ଅଫିସ ନିକଟସ୍ଥ ଜଙ୍ଗଲରୁ ହାତ ହତିଆର ସହ ୨ଜଣ ବନ୍ୟଜନ୍ତୁ ଶିକାରଙ୍କୁ ଗିରଫ କରିଛି ମହିଳା ଫରେଷ୍ଟ ଗାର୍ଡ । ଖବର ଅନୁଯାୟୀ ମଙ୍ଗଳବାର ଭୋର ସକାଳ ସମୟରେ ଏହି ଦୁଇଜଣ ବାରହା ଶିକାରୀ ଫେରୁଥିବା ସମୟରେ ବନବିଭାଗର ଜଣେ ମହିଳା ଗାର୍ଡ ଧରିବାରେ ସଫଳ ହୋଇଛନ୍ତି । ସେମାନଙ୍କ ଠାରୁ ହାତ ହତିଆର ଧନୁ, ତୀର, ବର୍ଚ୍ଛା ଓ ଟାଙ୍ଗିଆ ଜବତ କରିଛି ବନବିଭାଗ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ଗୁର୍ଜୁଙ୍ଗ ଠାରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ଷୋହଳ ସଂସ୍କାର କାର୍ଯ୍ୟକ୍ରମ

ଭବାନୀପାଟଣା, (ପି.ଏନ): ଭବାନୀପାଟଣା ବ୍ଲକ ଗୁର୍ଜୁଙ୍ଗ ଠାରେ ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଓ ଷୋହଳ ସଂସ୍କାର କାର୍ଯ୍ୟକ୍ରମ ୧୭ ତାରିଖରୁ ଆରମ୍ଭ ହୋଇଛି। ଏହା୧୯ ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଛି। ଏହି ମହାଯଜ୍ଞରେ ମୁଖ୍ୟ କର୍ତା ଭାବରେ ଗିରିଧାରୀ ପାଯସିଂହ ଦମ୍ପତି ସହ ନବ କୁଣ୍ଡରେ ନବ ଗୋଟି ଦମ୍ପତି ସହ ଅଂଚଳର ଶହ ଶହ ଗାୟତ୍ରୀ ପରିବାର ଭକ୍ତ ମାନେ ଆଧ୍ୟାତ୍ମିକ ଭକ୍ତିରେ ମଜ୍ଜି ଯାଇଥିଲେ।ଏହି କାର୍ଯ୍ୟକ୍ରମରେ ଟୋଲୀ ନାୟକ ଓ ସାଥି ମାନେ ଗାୟତ୍ରୀ ଶକ୍ତିପୀଠରେ ଯୋଗଦାନ କରି ସୁନ୍ଦର ଭାବରେ ପରମ ପୂଜ୍ୟ ଗୁରୁଦେବ ପଣ୍ଡିତ ଶ୍ରୀ ରାମ ଶର୍ମା ଆଚାର୍ଯ୍ୟ ଏବଂ ପରମ ପୂଜ୍ୟା ବନ୍ଦନୀୟା ମାତାଜୀ ଭଗବତୀ ଦେବୀ ଶର୍ମାଙ୍କ ସୂକ୍ଷ୍ମ ସଂରକ୍ଷଣରେ ଏହି ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ସୁନ୍ଦର ଭାବରେ ପରିଚାଳନା କରାଯାଇଛି। ଗତକାଲି ଅନେକ ମହିଳା ଉଦନ୍ତୀ ନଦୀରୁ କଳସ ଯାତ୍ରା କରିଥିଲେ। ହରି ବୋଲ ହୁଳହୁଳିରେ ଅଂଚଳ ପ୍ରକମ୍ପିତ ହୋଇଥିଲା। ଏହି ଯଜ୍ଞରେ କୁଣ୍ଡା ବୁରା, ଗର୍ଭ ସଂସ୍କାର, ମୁଣ୍ଡନ ସଂସ୍କାର, ଦୀକ୍ଷା ସଂସ୍କାର, ବିବାହ ସଂସ୍କାର ଇତ୍ୟାଦି ବିଭିନ୍ନ ସଂସ୍କାର କାର୍ଯ୍ୟକ୍ରମ କରାଯାଇ ଧାର୍ମିକ ଚେତନା ଜାଗ୍ରତ କରିବାର ମୂଳ ଲକ୍ଷ୍ୟ, ମନୁଷ୍ୟ ଭିତରେ ଦେବତ୍ୱ ରୋପଣ ଏବଂ ଧରା ପୃସଟ୍ଟ ସ୍ୱର୍ଗର ଅବତରଣ ତଥା ବ୍ୟକ୍ତି ନିର୍ମାଣ, ପରିବାର ନିର୍ମାଣ, ସାମାଜିକତା ନିର୍ମାଣ ଏହାର ଉଦ୍ଦେଶ୍ୟ ବୋଲି ପ୍ରକାଶ।ଏହି ନବ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞରେ ଗଣେଶ ପ୍ରଧାନ ବିଭିନ୍ନ ପ୍ରାନ୍ତରୁ ଗାୟତ୍ରୀ ପରିଜନ ଦକ୍ଷ କୁମାର ସାହୁ, ଅରୁଣି, ନବ, ପ୍ରଭାକର, ବିଷ୍ଣୁ ପ୍ରମୁଖ ପରିଚାଳନା କରୁଥିବା ବେଳେ ଏହା ଆଗାମୀ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଭକ୍ତ ତଥା ଦର୍ଶକ ମାନଙ୍କୁ ଅନ୍ନଛତ୍ର ପ୍ରସାଦ ସେବନ କରିବାର ବ୍ୟବସ୍ଥା ଠିକ ଭାବରେ ପରିଚାଳନା କରାଯାଉଥିବା ଜଣାଯାଏ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ୱେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ 25

PARYABEKHYAK

पर्यवेक्षक

Bhubaneswar Wednesday April 19, 2023 ଭୁବନେଶ୍ୱର ବୁଧବାର, ଅପ୍ରେଲ ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଛାତ୍ର କଂଗ୍ରେସର ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର ,(ପି.ଏନ): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିରି ନୱାଜଙ୍କ ଆବାହକତ୍ୱରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା ଏବଂ ଏହି ଶୋଭାଯାତ୍ରା ପୁନଶ୍ଚ ରାମ ମନ୍ଦିର ଛକରୁ ମାଷ୍ଟର କ୍ୟାଂଟିନ ଛକ ପର୍ଯ୍ୟନ୍ତ ଆସିଥିଲା । ବିପଦଗ୍ରସ୍ତ ଗଣତନ୍ତ୍ରକୁ ବଂଚାଇବା ପାଇଁ ଏବଂ ଦେଶ ରକ୍ଷା ପାଇଁ ଏହି ମଶାଲ ଶୋଭଯାତ୍ରା ଉଦ୍ଦିଷ୍ଟ । ଆଜିର କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଶ୍ରୀଯୁକ୍ତ ନିରଜ କୁନ ଜୀ ଯୋଗ ଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାର ନିଶାରେ ଧରା କୁ ସରା ମନେ କରୁଛନ୍ତି । ଦେଶର ଗଣତନ୍ତ୍ର ଓ ସମ୍ବିଧାନ ଆଜି ସଙ୍କଟାପର୍ଣ୍ଣ । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ମୋଦୀଙ୍କର କରାୟତ । ମୋଦୀଙ୍କର ଇଙ୍ଗିତରେ ସେମାନେ କଣ୍ଢେଇ ଭଳି ନାଚୁଛନ୍ତି । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ନିରପେକ୍ଷତା ଆଉ ନାହିଁ । ଦେଶରେ ଗଣତନ୍ତ୍ର ବଦଳରେ ମୋଦୀ ତନ୍ତ୍ର ଚାଲିଛି । ମୋଦୀଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧିରେ ଯିଏ ପ୍ରଶ୍ନ କଲା ତାଙ୍କ ବିରୋଧରେ ଇ.ଡ଼ି ଓ ସି.ବି.ଆଇକୁ ଲଗାଇ ଦିଆଯାଉଛି । ଇ.ଡ଼ି ଆଉ ସି.ବି.ଆଇ ଏବେ ମୋଦୀଙ୍କର ହାତ ବାରିସୀ । ମୋଦୀ-ଆଦାନୀ ମଧୁଚନ୍ଦ୍ରୀକା ସଂପର୍କରେ ରାହୁଲ ଗାନ୍ଧୀ ପ୍ରଶ୍ନ କରିବାରୁ ଏବଂ ବିଶେଷ କରି ଦେଶରୁ ବ୍ୟାଙ୍କକୁ ଲୁଟ୍ କରି ଦେଶ ଛାଡ଼ି ପଳେଇଥିବା କେତେକ ମୋଦୀ ସାଙ୍ଗିଆର ବ୍ୟକ୍ତିଙ୍କ ବିରୋଧରେ ବିଶୋଦଗାର କରିବାରୁ ନରେନ୍ଦ୍ର ମୋଦୀଙ୍କ ଚକ୍ରାନ୍ତରେ ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟପଦ ରଦ୍ଦ ଏବଂ ଜେଲ୍ ଦଣ୍ଡ ବ୍ୟବସ୍ଥା କରିଦିଆଗଲା । ରାହୁଲ ଗାନ୍ଧୀ ହେଉଛନ୍ତି ଏ ଦେଶର ସାଧାରଣ ଜନତାଙ୍କ ସ୍ୱର । ରାହୁଲ ଗାନ୍ଧୀ ଦେଶର ଏକତା ଭାତୃଭାବ ଓ ଅଖଣ୍ଡତା ବଜାଇ ରଖିବାକୁ ସଂଗ୍ରାମ କରୁଛନ୍ତି । ଜାତି, ଧର୍ମ ଓ ବର୍ଣ୍ଣ ଆଧାରରେ ଦେଶକୁ ଭାଗ ଭାଗ କରୁଥିବା ଗୈରିକ ଶକ୍ତି ବିରୋଧରେ ଲଢ଼େଇ କରୁଛନ୍ତି । ରାହୁଲ ଗାନ୍ଧୀଙ୍କ ପଛରେ ଏ ଦେଶ ଛିଡ଼ା ହୋଇଛି । ଗଣତନ୍ତ୍ର ଆଜି ମୋଦୀତନ୍ତ୍ରର ବନ୍ଦୀଶାଳାରେ ଛଟପଟ୍ ହେଉଛି । ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ଆସନ୍ତୁ ରାହୁଲ ଗାନ୍ଧୀଙ୍କ ଆହ୍ୱାନରେ ଏବଂ ଏ ଦେଶରେ ପ୍ରତିଟି ଜନସାଧାରଣଙ୍କ ହୃଦୟରେ ମୁକ୍ତିର ମଶାଲ୍ ଜାଳିଦେବା । ଆଜିର କାର୍ଯ୍ୟକ୍ରମ ଆୟୋଜକ ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି କହିଥିଲେ ଯେ, ମୋଦୀ ଓ ନବୀନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟ ମୋଦୀ ଓ ନବୀନ ଛାତ୍ର ସ୍ୱାର୍ଥ ବିରୋଧି । ଓଡ଼ିଶାରେ ଛାତ୍ର କଂଗ୍ରେସ ଛାତ୍ର ମାନଙ୍କର ନାର୍ଯ୍ୟ ପାଇଁ ଲଢ଼େଇ କରୁଛି । ଛାତ୍ର ବିଜେଡ଼ି ଏବଂ ଏବିଭିପି କ୍ୟାମ୍ପସ୍‌ରେ ଦୌରାମ୍ମ କରୁଛି । ଛାତ୍ର ବିଜେଡ଼ିର କ୍ୟାମ୍ପସ କର୍ମକର୍ତାମାନେ କ୍ୟାମ୍ପସରେ ର୍ୟାଗିଙ୍ଗ୍ କରୁଛନ୍ତି । କ୍ୟାମ୍ପସରେ ଛାତ୍ରୀ ଅସୁରକ୍ଷିତ । ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ୪୫ ଭାଗ ସରକାରୀ କଲେଜରେ ଶିକ୍ଷାଦାନ ଦେଉଥିବା କର୍ମଚାରୀ ପଦଖାଲି । ଅନ୍ୟପକ୍ଷରେ କଲେଜ, ସ୍ୱୟସାସିତ କଲେଜ ଓ ୟୁନିଭରସିଟିମାନରେ ଯେଉଁ ଭିତିଭୂମି ନିର୍ମାଣ ହେଉଛି ତାହା ନିର୍ମାଣ ଦୁଇ ମାସ ଭିତରେ ଭୁଷୁଡ଼ି ପଡୁଛି । ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ପାଚେରୀ, ବାଙ୍କି ସ୍ୱୟଂଶାସିତ କଲେଜ ପଡ଼ିଆର ଦର୍ଶକ ଗ୍ୟାଲେରୀ ନିର୍ମାଣ ହେବାର କିଛି ଦିନ ପରେ ଭୁଷୁଡ଼ି ପଡ଼ିବା ଘଟଣା ଏ ରାଜ୍ୟରେ ସରକାର କିଭଳି ଭାବରେ ଶିକ୍ଷାନୁଷ୍ଠାନମାନଙ୍କରେ ନିର୍ମାଣ କାର୍ଯ୍ୟ କରୁଛନ୍ତି ଏବଂ ଏଥିରେ କେତେ ଦୃର୍ନୀତି ହେଉଛି ତାହା ଏଠାରେ ସ୍ପଷ୍ଟ ହୋଇଯାଉଛି । ଅନ୍ୟପଟରେ ଉତ୍କଟ ବେକାରୀ, ସରକାରୀ ଚାକିରୀ ବିକ୍ରି ଏବଂ ଜାଲ ସାର୍ଟିଫେକେଟ ଦ୍ୱାରା ଆଡ଼ମିଶନ ରାଜ୍ୟ ସରକାରଙ୍କୁ ଅସଲ ଚେହେରାରେ ପଦାରେ ପକାଇଦେଇଛି । ପରିଶେଷରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦୀକା ଏବଂ ଓଡ଼ିଶା ପ୍ରଭାରୀ ସୁଶ୍ରୀ ଅନୁଲେଙ୍କା ବୋଷା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହ କାର୍ଯ୍ୟକ୍ରମରେ ନିରନ ପଟ୍ଟନାୟକ, ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ନବଯ୍ୟୋତି ପଟ୍ଟନାୟକ, ଶିବାନନ୍ଦ ରାୟ, ରଜତ ଚୌଧୁରୀ, ବିଶ୍ୱଜିତ ପଟ୍ଟନାୟକ, ପ୍ରକାଶ ମିଶ୍ର, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରନ ଦାସ, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ନଳୀନକାନ୍ତ ନାୟକ, ନିଆଜୁଲ୍ ଇସ୍‌ଲାମ୍, ଦୀପକ ପହାପାତ୍ର, ଆଲୋକ ଲେଙ୍କା, ନିହାର ବେହେରା, ଶିଳ୍ପଶ୍ରୀ ହରିଚନ୍ଦନ, ମୁନୁ ପରିଡ଼ା, ଜଗଦିଶ ଗଜେନ୍ଦ୍ର, ରଣଜିତ ସେନାପତି, ସାଗର ପଟ୍ଟନାୟକ, ମହମ୍ମଦ ଗୁଲଫାନ, ରିଆଜୁଲ ଇସ୍‌ଲାମ, ସମୀର ରାଉତ, ସାହାରୁ ଖାନ୍, ଉଦିତ୍ ପ୍ରଧାନ, ମୁନା ପରିଡ଼ା, ଶ୍ରୀ ମହାନ୍ତି, ଲିପିକା ପାତ୍ର, ଲିପ୍‌ସା ନାୟକ, ଅଜୟ ସାହୁ, ରାଜଲକ୍ଷ୍ମୀ ସାହୁ, ଶୁଭମ୍ ଦାସ, ଗୌତମ ସାହୁ, ଦେବାଶିଷ ଦଇଦାପତି, ଆଲୋକ ଦାସ, ଆର୍ଯ୍ୟନ ସାସମଲ, କାର୍ତିକଶ୍ୱର କାଣ୍ଡି, ରାଜଦୀପ୍ ବେହେରା, ଅଭିଶେକ୍ ପାତ୍ର, ଏମ୍.ଡ଼ି ମନୱାର, ଏମ୍.ଡ଼ି. ସମିଓଲ୍, ସୀଦ୍ଧାର୍ଁ ଓମ୍ ପ୍ରକାଶ, ଦେବାଶିଷ ସାହୁ, ରାମେଶ୍ୱର ଶତ୍‌ପଥି, ଆଶିଷ କୁମାର ମାହୁନ୍ତ, ଆରିଫ୍ ଖାନ, ଏମ୍.ଡ଼ି. ଇସ୍‌ରାର, ସୌମ୍ୟନ୍ଦ୍ର ମହାନ୍ତି, ପ୍ରସନ୍ନ ନାୟକ, ସ୍ପନ୍ଦନ କୁମାର ସ୍ୱାଇଁ, ମାନସ ସେଠୀ, ପ୍ରଦୀପ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।




## ଏମ୍/ଏନ୍‌ଏସ୍ ପକ୍ଷରୁ ଗ୍ରାମୀଣ କ୍ରିକେଟ୍ ଉଦଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ଉପକଣ୍ଠରେ ଥିବା ଆର୍ସେଲ୍ ମି ଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଦିନ ଗ୍ରାମୀଣ କ୍ରିକେଟ୍ ପ୍ରିମିୟର ଲିଗ୍ ଉଦଘାଟିତ ହୋଇଯାଇଛି । ପାରାଦୀପ ବିଧାୟକ ସଂବିତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ବାହୀ ନିର୍ଦ୍ଦେଶକ ସୁରେଶା ଜି, ସିଏସଆର୍ ମୁଖ୍ୟ ବିକାଶ ଯୁଜବେନ୍ଦୁ, ମିଥିଲେଶ ଠାକୁର ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ନିକଟସ୍ଥ ଗ୍ରାମ ଗୁଡିକରୁ ୧୦ ଗୋଟି ଦଳ ଏହି କ୍ରିକେଟ୍ ପ୍ରିମିୟର ଲିଗ୍‌ରେ ଅଂଶଗ୍ରହଣ କରିଛନ୍ତି । ତିନି ଦିନ ବ୍ୟାପି ହେବାକୁ ଥିବା ଏହି ପ୍ରତିଯୋଗିତା ପାରାଦୀପ ଗଡ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହେଉଅଛି । ଆସନ୍ତା ୨୦ ତାରିଖ ଦିନ ଏହା ଉଦଯାପିତ ହେବ ବୋଲି କମ୍ପାନୀର ଲୋକ ସମ୍ପର୍କ ଅଧିକାରୀ ରବିନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି ।

## ବିଶ୍ୱ ସାଇକ୍ୟାଟ୍ରିକ୍ ଆସୋସିଏସନର ଆଞ୍ଚଳିକ କଂଗ୍ରେସ ଅଧିବେଶନ

କଟକ, (ପି.ଏନ): ବିଶ୍ୱ ସାଇକ୍ୟାଟ୍ରିକ ଆସୋସିଏସନର ଆଞ୍ଚଳିକ କଂଗ୍ରେସ ଅଧିବେଶନ ଓ ମହାସମ୍ମିଳନୀ କୋଲକାତା ସ୍ଥିତ ଆଇଟିସି ରୟାଲ ବେଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବାର୍ତ୍ତା ରହିଛି ବିଲଡିଂ ଆୱାରନେସ ବ୍ରିଜିଂ ଟ୍ରିଟମେଣ୍ଟ ଗ୍ୟାପ । ଏହି ଆନ୍ତର୍ଜାତିକ ଅଧିବେଶନରେ ବିଶ୍ୱ ସାଇକ୍ୟାଟ୍ରିକ ଆସୋସିଏସନର ସଭାନେତ୍ରୀ ହାଲେନ ଏଡିଥ୍ ହେରମାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ହେଉଛନ୍ତି ଏହି ବିଶ୍ୱ ସଂଗଠନରେ ସଭାନେତ୍ରୀ ହେବାରେ ଦ୍ୱିତୀୟ ମହିଳା ଓ ପ୍ରଥମ ଅଷ୍ଟ୍ରେଲିଆ ନାଗରିକ । କାର୍ଯ୍ୟକ୍ରମରେ ଓଡ଼ିଶା ପକ୍ଷରୁ ଇଣ୍ଡିଆନ ସାଇକ୍ୟାଟ୍ରିକ୍ ଆସୋସିଏସନ ଓଡ଼ିଶା ରାଜ୍ୟଶାଖାର ସଭାପତି ଡାକ୍ତର ଅମ୍ରିତ ପାଟ୍ଟଯୋଶୀ, ସମ୍ବଲପୁରର ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଚିତ୍ତରଞ୍ଜନ ମହାପାତ୍ର ଓ ବିଶିଷ୍ଟ ଯୁବ ମାନସିକ ବିଶେଷଜ୍ଞ ତଥା ଦି'ବ୍ରେନର ପ୍ରତିଷ୍ଠାତା ଡାକ୍ତର ସମ୍ରାଟ କର ଯୋଗ ଦେଇଥିଲେ । ବିଶ୍ୱରେ ଦ୍ରୁତ ଅଭିବୃଦ୍ଧି ବ୍ୟାପକ ହେଉଥିବା ବେଳେ ଲୋକମାନଙ୍କ ଭିତରେ ମନସ୍ତାତ୍ୱିକ ଓ ମାନସିକ ରୋଗ କ୍ଷେତ୍ରକୁ ନେଇ ଏଯାବତ୍ ଅନେକ ଅସମାହିତ ମାନସିକ ରୋଗ କ୍ଷେତ୍ର ସମ୍ବନ୍ଧୀୟ ଜାଣିବାର ଆବଶ୍ୟକତା ରହିଛି ବୋଲି ଡାକ୍ତର ସମ୍ରାଟ କର ବକ୍ତବ୍ୟ ଉପସ୍ଥାପନ କରି ମାନସିକ କ୍ଷେତ୍ର ପାଇଁ ଆତ୍ମହତ୍ୟା ବଡ଼ ଆହ୍ୱାନ ବୋଲି ଏହା ଉପରେ ସ୍ୱତନ୍ତ୍ର ଅଧିବେଶନରେ ଏକ ସ୍ୱତନ୍ତ୍ର ରିପୋର୍ଟ ଉପସ୍ଥାପନ କରିଥିଲେ । ଡାକ୍ତର ସମ୍ରାଟ କରଙ୍କ ଏହି ସନ୍ଦର୍ଭ ଉଚ୍ଚ ପ୍ରଶଂସିତ ହେବା ସହ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ମିଳନୀରେ ବିଶ୍ୱର ଶହେରୁ ଉର୍ଦ୍ଧ୍ୱ ଦେଶର ମାନସିକ ରୋଗ ଚିକିତ୍ସକମାନେ ଅଂଶ ଗ୍ରହଣ କରିଥିଲେ ।

## ବୃଦ୍ଧା ପିତାମାତାଙ୍କୁ ପୁଅ ମାଡମାରି ଘରୁ ତଡିଦେଇଥିବା ଅଭିଯୋଗ

କେନ୍ଦ୍ରାପଡ଼ା, (ପି.ଏନ): : କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ଗ୍ରାମପଞ୍ଚାୟତର ମରଡପୁର ଗ୍ରାମର ୭୦ବର୍ଷର ବୃଦ୍ଧ ତ୍ରିଲୋଚନ ସ୍ୱାଇଁ ଓ ତାଙ୍କ ପତ୍ନୀ ୬୫ବର୍ଷର ବୃଦ୍ଧା ଅଗଣୀ ସ୍ୱାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଜ୍ୟେଷ୍ଠପୁତ୍ର ଶରତ ଚନ୍ଦ୍ର ସ୍ୱାଇଁ ସେମାନଙ୍କୁ ଭୁଲାଇ ତାଙ୍କ ନାମରେ ଥିବା ସମ୍ପ ିକୁ ନିଜ ନାମରେ କରାଇନେବା ପରେ ଉଭୟ ପିତାମାତାଙ୍କୁ ମାଡମାରି ଘରୁ ତଡିଦେଇଛନ୍ତି । ଶରତଙ୍କ ପତ୍ନୀ ତଥା ତାଙ୍କ ବଡବୋହୁ ମଧ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିବା ନେଇ ଅଭିଯୋଗ ହୋଇଛି । ଏସମ୍ପର୍କରେ ସେମାନେ କେନ୍ଦ୍ରାପଡା ସଦର ଥାନାରେ ଅଭିଯୋଗ କରିବା ପରେ ଗତ ୧୨ତାରିଖରେ ଥାନା କେଶ ନମ୍ବର - ୩୧୭/୨୦୨୩ରେ ଆଇ.ପି.ସି.ର ୩୪୧, ୨୯୪, ୩୨୩, ୩୭୯, ୪୧୭, ୫୦୬, ୩୪ ଓ ମେଂ ନାନ୍ସ ଆଣ୍ଡ ଓ୍ୱେଲଫେୟାର ଅଫ ପ୍ୟାରେ ସ ଆଣ୍ଡ ସିନିଅର ସିଟିଜେନସ ଆକ୍ଟ ୨୦୦୭ର ୨୪ଦଫା ଅନୁଯାୟୀ ଏକ ମାମଲା ଦାୟର ହୋଇଛି ।

## କର୍କଟ ପିଡିତଙ୍କୁ ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ ପକ୍ଷରୁ ସହାୟତା ପ୍ରଦାନ

ପାରାଦୀପ,(ପି.ଏନ): ପାରାଦୀପସ୍ଥିତ ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର ସଦସ୍ୟ ଗୌତମ ଦାସ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସାଧିନ ଅଛନ୍ତି । ତାଙ୍କର ଆର୍ଥିକ ଅବସ୍ଥା ଭଲ ନଥିବାରୁ ତାଙ୍କର ଚିକିତ୍ସା ହୋଇପାରୁନାହିଁ । ଗୌତମଙ୍କର ଦୁଇ ଗୋଟି ନାବାଳକ ପିଲା ଅଛନ୍ତି । ତାଙ୍କର ଚିକିତ୍ସା ନିମନ୍ତେ ତାଙ୍କର ପତ୍ନୀ ଜିଲ୍ଲା ଟ୍ରକ୍ ମାଲିକ ସଂଘର ସହାୟତା ଲୋଡିଥିଲେ । ମଙ୍ଗଳବାର ଦିନ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ,ସମ୍ପାଦକ ରଂଜିତ ବେହେରା,ଉପାଧ୍ୟକ୍ଷ ଗୋପକୃଷ୍ଣ ପରିଜା,ସଂଜୟ ସାମନ୍ତରାୟ,ସୁବାସ ମହାନ୍ତି,ଦୀପକ ରଂଜନ ଦାସ,ଅଶୋକ ସାମନ୍ତରାୟ,ସୁଶାନ୍ତ କୁମାର ସ୍ୱାଇଁ,ଅଭିରାମ ସ୍ୱାଇଁ ପ୍ରମୁଖ ଗୌତମଙ୍କ ଆରୋଗ୍ୟ କାମନା କରିଥିଲେ ।

## ମହାରାଜା ସିନେମା ହଲରୁ ଓଡ଼ିଆ ଫିଲ୍ମ ହଟେଇବା ନେଇ ପ୍ରଯୋଜକ ଓ ହଲ୍ ମ୍ୟାନେଜର ମୁହାଁ ମୁହିଁ

ଖୋର୍ଦ୍ଧା,(ପି.ଏନ): ମହାରାଜା ସିନେମା ହଲରୁ ହଟିଲା ଓଡ଼ିଆ ଫିଲ୍ମ ଡ଼େଲିଭରୀ ବୟ । ହିନ୍ଦି ଫିଲ୍ମ ଚଳାଇବା ପାଇଁ ଓଡ଼ିଆ ଫିଲ୍ମ ହଟାଇ ଥିବା ଅଭିଯୋଗ ଆଣିଲେ ଡ଼େଲିଭରି ବୟର ପ୍ରଯୋଜକ । ଏକ ସାମ୍ବାଦିକ ସମ୍ମିଳନୀରେ ଡ଼େଲିଭରି ବୟ ଚଳଚିତ୍ରର ପ୍ରଯୋଜକ ଜ୍ୟୋତିରଂଜନ ମହାନ୍ତି କ୍ରିଏଟିଭ୍ ହେଡ଼ ପ୍ରଣୟ ଜେଠୀ, ସହପ୍ରଯୋଜକ ରଜତ ମିଶ୍ର, ଡ଼େଲିଭରୀ ବୟ ଭଲ ଚାଲିଥିବା ବେଳେ ମହାରାଜା ହଲ୍ ଆକ୍ରୋସ ମୂଳକ ଭାବେ ଏହାର ପ୍ରଦର୍ଶନ ବନ୍ଦ କରିଥିବାରୁ ଘୋର ନିନ୍ଦା କରିଥିଲେ । ଅପରପକ୍ଷେ ଓଡ଼ିଆ ଚଳଚିତ୍ର ପ୍ରଦର୍ଶନ ପାଇଁ ମହାରାଜା ହଲ୍ ମ୍ୟାନେଜର ପ୍ରଯୋଜକଙ୍କ ମନ୍ତବ୍ୟ ପାଇଁ ହଟେଇଲୁ ସିନେମା ବୋଲି ମତବ୍ୟକ୍ତ କରିଛନ୍ତି । ସିନେମା ସଫଳତାର ସହ ଚାଲୁଥିବା ବେଳେ ହଲ୍‌ରୁ କାହିଁକି ହଟିଲା ଚଳଚିତ୍ର ଏ ନେଇ ମହାରାଜା ହଲ୍ ନାଁରେ ଅଭିଯୋଗ ଆଣିଛନ୍ତି ଡ଼େଲିଭରି ବୟ ଚଳଚିତ୍ର ପ୍ରଯୋଜକ ଜ୍ୟୋତିରଂଜନ ମହାନ୍ତି । ଫିଲ୍ମି ପାଇଁ ରାଜ୍ୟ ସରକାର ଟ୍ୟାକ୍ସ ଛାଡ଼ ଘୋଷଣା କରିଥିବା ବେଳେ ମହାରାଜା ପକ୍ଷରୁ ପ୍ରଥମ ତିନି ଦିନ କୌଣସି ଟ୍ୟାକ୍ସ ଛାଡ଼ କରାଯାଇ ନ ଥିବା ସେ କହିଛନ୍ତି । ଅନ୍ୟ ପଟେ ମହାରାଜା ହଲ ହେଉଛି ଦିବ୍ୟାଙ୍ଗ ହଲ୍ ଯେଉଁଠି ସିନେମା ଚାଲିବା ପାଇଁ ଭିତି ଭୂମି ନାହିଁ । ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ନାହିଁ ଭଳି ପୂର୍ବରୁ ଗଣମାଧ୍ୟମରେ ମନ୍ତବ୍ୟ ଦେଇଥିଲେ ଫିଲ୍ମ ପ୍ରଯୋଜକ । ଏହି ମନ୍ତବ୍ୟକୁ ନେଇ ହଲ୍‌ରୁ ସିନେମା ହଟାଯାଇଥିବା ବେଳେ ହଲ ସହ ୭ଦିନ ପାଇଁ ହୋଇଥିବା ଚୁକ୍ତି ସରିବା ପରେ ତିନି ଦିନ ଅଧିକ ଚଲାଯାଇ ସିନେମାକୁ ହଟାଯାଇଥିବା ମହାରାଜା ହଲ ପକ୍ଷରୁ କୁହାଯାଇଛି । ହଲ୍ ମ୍ୟାନେଜରଙ୍କ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଓଡ଼ିଆ ଫିଲ୍ମ ଡ଼େଲିଭରି ବୟ ହୋଲ୍ଡ ଓଭରଥିବା ବେଳେ କେଉଁ କାରଣରୁ ହଲରୁ ଚଳଚିତ୍ରଟିକୁ ଉଠାଗଲା ଏଥିପାଇଁ ସିଣ୍ଡିକେଟ୍ ଓ ଆଇନର ଆଶ୍ରୟ ନିଆଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ ପ୍ରଯୋଜକ ଶ୍ରୀ ମହାନ୍ତି ।

# ଜର୍ମାନୀରେ ଓଡ଼ିଶା ଦିବସ ପାଳନ

ଫ୍ରାଙ୍କଫୁର୍ଟ, (ପି.ଏନ): ଜର୍ମାନୀରେ ମହାସମାରୋହରେ ८८ ତମ ଓଡ଼ିଶା ଦିବସ ପାଳନ କରାଯାଇଛି । ଏହି ଶୁଭ ଅବସରରେ ଫ୍ରାଙ୍କଫୁର୍ଟ ଇଲାକାରେ ପ୍ରଥମ ପଞ୍ଜୀକୃତ ଓଡ଼ିଆ ସଂଗଠନ, ନ୍ତ ଉତ୍କଳ ସମାଜ - ରାଇନ ମାଇନନ୍ତ କୁ ଉଦଘାଟନ କରାଯାଇଛି । ଏହି ଦ୍ୱୈତ ମହୋତ୍ସବ ପାଳନ ଉପଲକ୍ଷେ ପର୍ବାଣୀ ସ୍ଥଳ ଫ୍ରାଙ୍କଫୁର୍ଟ ସ୍ଥିତ ଜାଇକା ରେଷ୍ଟୁରାଣ୍ଟର କମ୍ୟୁନିଟି ହଲକୁ ସୁନ୍ଦର ଭାବେ ସଜାଯାଇ, ଏକ ଛୋଟ ଓଡ଼ିଶାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଉପସ୍ଥିତ ଓଡ଼ିଆ ଓ ଓଡ଼ିଶାପ୍ରେମୀ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଆନନ୍ଦ, ଉଲ୍ଲାସ, ଉତ୍ସାହ ଏବଂ ଉଦ୍ଦୀପନା ଦେଖିବାକୁ ମିଳିଥିଲା । ଅତିଥିମାନଙ୍କ ଦ୍ୱାରା ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସ୍ୱାଗତ ଭାଷଣ ପ୍ରଦାନ କରି ନବଗଠିତ ନ୍ତଉତ୍କଳ ସମାଜ- ରାଇନ୍ ମାଇନ୍‌ନ୍ତର ସଭାପତି ବିଭୁ ଆଶିଷ ମହାନ୍ତି, ତାଙ୍କ ସଙ୍ଗଠନର ମୁଖ୍ୟ ଲକ୍ଷ୍ୟ ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଏବଂ ଉତ୍ତୁଙ୍ଗ ଐତିହ୍ୟକୁ ଜର୍ମାନୀରେ ପ୍ରଚାର ଓ ପ୍ରସାର କରିବା ବୋଲି ଦର୍ଶାଇଥିଲେ । ଓଡ଼ିଶା ମାଟିର ମହକ ଏବଂ ଉତ୍କଳୀୟ ପରମ୍ପରାର ମହନୀୟତାକୁ ବିଦେଶ ଭୂମିରେ ବିସ୍ତାର କରିବା ନେଇ ତାଙ୍କ ସମାଜର ପ୍ରୟାସକୁ ସମର୍ଥନ ଏବଂ ସହଯୋଗ କରିବା ପାଇଁ ଶ୍ରୀ ମହାନ୍ତି ସମସ୍ତଙ୍କୁ ନିବେଦନ କରିଥିଲେ । ନିଜର ବକ୍ତବ୍ୟ ପ୍ରଦାନ କରି ଉତ୍କଳ ସମାଜର ଯୁବ ଉପ- ସଭାପତି ଅମିତ କୁମାର ରାଓ୍ୱଲ, ଜର୍ମାନୀରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କୁ ଏକଜୁଟ କରି ଓଡ଼ିଶାର ବୃହତ୍ତର ହୀତସାଧନ କରିବା ପାଇଁ ସେମାନଙ୍କୁ ପ୍ରବର୍ତ୍ତାଇବା, ତାଙ୍କ ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସୂଚାଇଥିଲେ । ଉତ୍କଳ ସମାଜର କୋଷାଧ୍ୟକ୍ଷ ନମ୍ରତା ମହାପାତ୍ର, ଏହି ଦାତବ୍ୟ ଅନୁଷ୍ଠାନର ଆର୍ଥିକ ସ୍ଥିତି ସମ୍ପର୍କରେ ଉଲ୍ଲେଖ କରି ପ୍ରବାସୀ ଓଡ଼ିଆମାନଙ୍କୁ ସହୃଦୟତା ସହିତ ସହାୟତାର ହାତ ବଢ଼ାଇବା ପାଇଁ ଅନୁରୋଧ କରିଥିଲେ । ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଥିବା ଭାରତୀୟ କନସୁଲେଟ ଜେନେରାଲର ପ୍ରତିନିଧି ଅମର ପାଲ ମୀନା ଏବଂ ରିଏଲ୍ ଟିମ୍ ଇଣ୍ଡିଆ ଏଣ୍ଡ ଫ୍ରେଣ୍ଡସର ସହ ସଂସ୍ଥାପକ କମଲ ବସ୍ୱାୟନ, ସେମାନଙ୍କର ଅଭିଭାଷଣରେ ଜର୍ମାନୀରେ ଉତ୍କଳ ସମାଜ ଗଠନକୁ ଭୂରି ଭୂରି ପ୍ରଶଂସା କରିଥିଲେ ଏବଂ ଓଡ଼ିଶାର ବିଶେଷତ୍ୱକୁ ସମ୍ମିଳିତ ଭାବେ ପ୍ରଦର୍ଶନ କରିବାରେ ନୂଆ କରି ଗଠିତ ସଂଘର ସାଧୁ ଉଦ୍ୟମକୁ ସେମାନେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିବେ ବୋଲି ଘୋଷଣା କରିଥିଲେ । ଏହି ଅବସରରେ ଓ୍ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ ତଥା ଓଡ଼ିଶାର କଳା, ଚଳଚ୍ଚିତ୍ର, ସାହିତ୍ୟ, ଚିକିତ୍ସା ଏବଂ ଗଣମାଧ୍ୟମ ଜଗତର କିଛି ପ୍ରଖ୍ୟାତ ବ୍ୟକ୍ତିଙ୍କର ଶୁଭକାମନା ସମ୍ପନ୍ନ ଭିଡିଓ ବାର୍ତ୍ତା ପ୍ରସାରଣ କରାଯାଇଥିଲା । ଉତ୍ସବର ସ୍ୱତନ୍ତ୍ର ଆକର୍ଷଣ ଭାବରେ ଉତ୍କଳ ସମାଜର ମହିଳା ସଦସ୍ୟା ମାନଙ୍କ ଦ୍ୱାରା ସଭାର ପ୍ରାରମ୍ଭରେ ମାତୃ ପ୍ରଦେଶ ଓଡ଼ିଶାର ଗୁଣଗାନ କରାଯାଇ ଗାୟନ କରାଯାଇଥିବା ନ୍ତବନ୍ଦେ ଉତ୍କଳ ଜନନୀ ନ୍ତ ସଙ୍ଗୀତ ବେଶ୍ ମର୍ମସ୍ପର୍ଶୀ ଥିଲା ଏବଂ ଦର୍ଶକ ମାନଙ୍କ ଦ୍ୱାରା ଖୁବ ଆଦୃତ ହୋଇଥିଲା ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray